ସକାଳ
THE SAKALA



# କର୍ଲାରେ ବୀର ସୁରେନ୍ଦ୍ର ସାଏଙ୍କ ୧୪୦ତମ ଶ୍ରାଦ୍ଧବାର୍ଷିକୀ ପାଳିତ

**ଡୁଙ୍ଗୁରି, ୨୮।୨(ସମିସ):** ବୀର ସୁରେନ୍ଦ୍ର ସାଏଙ୍କର କର୍ମସ୍ଥଳୀ ବାରବଖରା ପାଦଦେଶରେ ଥିବା କର୍ଲାଠାରେ ବୀର ସୁରେନ୍ଦ୍ର ସାଏଙ୍କର ୧୪୦ତମ ଶ୍ରାଦ୍ଧବାର୍ଷିକୀ ମହାସମାରୋହରେ ପାଳିତ ହୋଇଯାଇଛି। ଲଖନପୁର ସରପଞ୍ଚ ସତ୍ୟଭୂଷଣ ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ପୂର୍ବତନ ସାଂସଦ ଡକ୍ଟର ପ୍ରଭାସ ସିଂ ମୁଖ୍ୟଅତିଥି, ବରଗଡ଼ ଜିଲ୍ଲା ପରିଷଦ ଅଧ୍ୟକ୍ଷା ମାନିନୀ ଭୋଇ ସମ୍ମାନିତ ଅତିଥି, ଅଧ୍ୟାପକ ସୁଶାନ୍ତ ମିଶ୍ର ମୁଖ୍ୟବକ୍ତା, ଐତିହାସିକ ଦୀପକ ପଣ୍ଡା ସମ୍ମାନିତ ବକ୍ତା, ଅମ୍ବାଭୋନା ବ୍ଲକ୍ ଅଧ୍ୟକ୍ଷ କୀର୍ତ୍ତିଚନ୍ଦ୍ର ଦୁଆନ, ବିଡିଓ ଶଙ୍କର ବାଗ, ଅଧ୍ୟାପକ ମୋହନ ସାହୁ ପ୍ରମୁଖ ଯୋଗ ଦେଇଥିଲେ। କବି ନିତିଶ ଆଚାର୍ଯ୍ୟ ଏକ କବିତା ପାଠ କରିଥିଲେ। ଅମ୍ବାଭୋନା ବ୍ଲକ ଜିଲ୍ଲା ପରିଷଦ ସଦସ୍ୟା କଳ୍ପନା ପ୍ରଧାନ, କର୍ଲା ସରପଞ୍ଚ ତନୟା ଭୋଇ, ଉତ୍ତମ ସରପଞ୍ଚ ହୀରାଧର ସାହୁ, ଉପେନ୍ଦ୍ର ଦାସ, ସାମ୍ବାଦିକ ହେମନ୍ତ ପ୍ରଧାନ, ବୈଷ୍ଣବ ଭୋଇ, ଭୈରବ ପାତ୍ର ମଞ୍ଚାସୀନ ଥିଲେ। ପାହାଡଶ୍ରୀଗିଡା, ଖରସଲ ଓ ଲଖନପୁର ଜମିଦାରଙ୍କ ଦାୟାଦ ମାନଙ୍କୁ ସମ୍ମାନିତ କରାଯାଇଥିଲା। ପ୍ରାରମ୍ଭରେ ଅତିଥିମାନଙ୍କ ଦ୍ୱାରା ବୀରସୁରେନ୍ଦ୍ରସାଏଙ୍କର ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା। ଅମ୍ବାଭୋନା ବ୍ଲକ୍ ଗଣ୍ଡ ସମାଜ ପକ୍ଷରୁ ବିଶିଷ୍ଟ କଳକାର ଭୁବନ ଭୋଇ ସୁରେନ୍ଦ୍ର ସାଏ ବେଶରେ ଘୋଡାରେ ବସି ଭବ୍ୟ ଶୋଭାଯାତ୍ରାରେ ଗ୍ରାମ ପରିକ୍ରମା କରିଥିଲେ। ସକାଳେ ବାରବଖରାଠାରେ ତିଳତର୍ପଣ କରାଯାଇଥିଲା।






# ‘ଚାଷୀଙ୍କୁ ବିଦ୍ୟୁତ ବିଲ୍ ଛାଡ଼’

## ଅତାବିରାରେ ତହସିଲ ଅଫିସ୍‌ରେ ବିକ୍ଷୋଭ

**ବରଗଡ଼, ୨୮।୨(ସମିସ)**

କୃଷିକ୍ଷେତ୍ରରେ ବ୍ୟବହୃତ ବିଜୁଳି ସମ୍ପୂର୍ଣ୍ଣ ଛାଡ ଘୋଷଣା କରାଯିବା ସହ ବିଭିନ୍ନ ଦାବିନେଇ ବୁଧବାର ଜୟ କିସାନ ଆନ୍ଦୋଳନ ତରଫରୁ ଅତାବିରା ତହସିଲ ଅଫିସ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ ସହ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ପ୍ରତ୍ୟେକ ପରିବାରକୁ ୩୦୦ ୟୁନିଟ ବିଜୁଳି ବିଲ ଛାଡ କରାଯାଉ, ବିଜୁଳି କ୍ଷେତ୍ରର ଘରୋଇକରଣ ବନ୍ଦ କରାଯିବା, ଧାନ କ୍ୱିଣ୍ଟାଲ ପ୍ରତି ୧୦୦୦ ଟଙ୍କା ବୋନସ୍, ସ୍ୱାମୀନାଥନ୍ କମିସନର ସୁପାରିସକ୍ରମେ ଉତ୍ପାଦନ ଖର୍ଚ୍ଚର ଦେଡଗୁଣ ମୂଲ୍ୟ ଦିଆଯାଉ, ଏମ୍‌ଏସ୍‌ପିକୁ ଆଇନଗତ ମାନ୍ୟତା ଦିଆଯିବା ଏବଂ କୃଷିଋଣ ଛାଡ ଦାବି କରାଯିବା ଉଲ୍ଲେଖ ରହିଥିଲା। ବ୍ଲକ ସମ୍ପାଦକ ଜିତୁ ବେହେରାଙ୍କ ସଂଯୋଜନାରେ ଏକ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଥିଲା। ଅତାବିରା ବ୍ଲକ ଏକ ଜଳସେଚିତ ଅଞ୍ଚଳ ହୋଇଥିଲେ ସୁଦ୍ଧା ଚୁଲଧର, ଡଡଙ୍ଗାପାଲି, ନୂଆଁବାଟିମୁଣ୍ଡା, ସୋର୍ଣ୍ଣା, ଦେବାହଲ ଆଦି ଗାଁରେ ଆଜିମଧ୍ୟ ଗଭୀର ନଳକୂପ ଏବଂ ଉଠା ଜଳସେଚନ ମାଧ୍ୟମରେ ଶହ ଶହ ଏକର ଜମି ଚାଷ ହେଉଛି। ଟାଟା ପାୱାର ବିଲ ଅସୁଲି ନାଁରେ ସୋର୍ଣ୍ଣା ଗାଁର ତିନୋଟି ଯାକ ଉଠା ଜଳସେଚନର ବିଜୁଳି ସଂଯୋଗ ବିଚ୍ଛିନ୍ନ କରିଦେଇଛି। ଏହାସହ ଦେବାହଲ ଗାଁର ଜଣେ ଦିନ ମଜୁରିଆ ଉଦିଆଁ ସେଠ୍ ଙ୍କ ବିଜୁଳି ସଂଯୋଗ ବିଚ୍ଛିନ୍ନ କରିବାକୁ ନେଇ ସଭାରେ ଉତ୍ତେଜନା ପ୍ରକାଶ ପାଇବା ସହ ୧୨ ଘଣ୍ଟା ମଧ୍ୟରେ ବିଜୁଳି ସଂଯୋଗ କରା ନ ଗଲେ ବିଦ୍ୟୁତ ଉପଖଣ୍ଡ ଅଧିକାରୀଙ୍କ କାର୍ଯ୍ୟାଳୟରେ ତାଲା ଦିଆଯିବା ପାଇଁ ଚେତାବନୀ ଦିଆଯାଇଛି। ପଶ୍ଚିମ ଓଡ଼ିଶା କୃଷକ ସଂଗଠନ ସମନ୍ୱୟ ସମିତିର ଆବାହକ ଲିଂଗରାଜ ଗାଁ ଗାଁରେ ସଂଗଠନକୁ ମଜବୁତ୍ କରିବା ପାଇଁ ମଧ୍ୟ କୃଷକଙ୍କୁ ଆହ୍ୱାନ ଦେଇଥିଲେ। ଜୟ କିସାନ ଆନ୍ଦୋଳନର ଜିଲ୍ଲା ସଭାପତି ସୁଶୀଲ ସାହୁ, ସାଧାରଣ ସମ୍ପାଦକ ହର ବଣିଆଁ, ବରିଷ୍ଠ ଚାଷୀନେତା ଶିବପ୍ରସାଦ ପ୍ରଧାନ, ଭଞ୍ଜନ ବାରିକ, ଅରୁଣ ସାହୁ, ଅରୁଣ ପ୍ରଧାନ, କିଶୋର ସାହୁ, ଯଦୁମଣି ପ୍ରଧାନ, କୁନା ବେହେରା ବକ୍ତବ୍ୟ ପ୍ରଦାନ କରିଥିଲେ।



# ‘୫-ଟି’ ଅଧ୍ୟକ୍ଷଙ୍କୁ ଭେଟିଲେ ମେହେର ସମାଜ ପ୍ରତିନିଧି

**ବରପାଲି, ୨୮।୨(ସମିସ):** ବରପାଲି ମେହେର ସମାଜର ଏକ ପ୍ରତିନିଧି ଦଳ ୫-ଟି ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନଙ୍କ ସହ ସାକ୍ଷାତକାର କରିଛନ୍ତି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ କାର୍ଯ୍ୟାଳୟରୁ ଡକରା ପାଇ ଗଙ୍ଗାଧର ମେହେର ପ୍ରତିଷ୍ଠାନ ଓ ମେହେର ସମାଜର ଏକ ପ୍ରତିନିଧିଦଳ ସଭାପତି ମହେନ୍ଦ୍ର ମେହେରଙ୍କ ନେତୃତ୍ୱରେ ନବୀନ ନିବାସରେ ୫-ଟି ଅଧ୍ୟକ୍ଷଙ୍କ ସହ ଆଲୋଚନା କରିଥିଲେ। କବି ଗଙ୍ଗାଧର ମେହେରଙ୍କ ଜନ୍ମପୀଠ ଉନ୍ନତିକରଣର ଅଗ୍ରଗତି, ଗ୍ରନ୍ଥାବଳୀ ପ୍ରକାଶନ, ଗଙ୍ଗାଧର ମେହେର ଭବନର ଭୂମିପୂଜା, ଗଙ୍ଗାଧର ସ୍ମୃତିଭବନର ନିର୍ମାଣ, ଗଙ୍ଗାଧର ମେହେର ସ୍ମାର୍ଟପାର୍କ, କବିଙ୍କ ଶ୍ରାଦ୍ଧ ଶତବାର୍ଷିକୀ ଉତ୍ସବ ପାଳନ ଓ ଅନ୍ୟାନ୍ୟ ଅନେକ ବିଷୟରେ ଆଲୋଚନା କରାଯାଇଥିବା ଜଣାପଡ଼ିଛି।



# ନୂଆଁପାଲି ବଇଦପାଲି ସେତୁ ନେଇ ଅସନ୍ତୋଷ

**ପଦ୍ମପୁର, ୨୮।୨(ସମିସ):** ପଦ୍ମପୁର ଉପଖଣ୍ଡ କନସିଂହା ଗ୍ରାମପଞ୍ଚାୟତ ନୂଆଁପାଲି ବଇଦପାଲି ନାଳ ଉପରେ ସେତୁ ନିର୍ମାଣ ପାଇଁ ସମସ୍ତ ପ୍ରକାର ଆନୁଷଙ୍ଗିକ କାର୍ଯ୍ୟକ୍ରମ ସରିଯାଇଛି। ପ୍ରଶାସନର ଇଚ୍ଛାଶକ୍ତିର ଅଭାବ ଯୋଗୁଁ ନିର୍ମାଣ କାମ ବନ୍ଦ ହୋଇଯାଇଛି। ଏକ ମାସ ପୂର୍ବରୁ ରାଜ୍ୟ ସରକାରଙ୍କ ଆର୍ଥିକ ଅନୁଦାନ ମଞ୍ଜୁରୀ ପରେ ଉଚ୍ଚସ୍ତରୀୟ ବିଭାଗୀୟ ଅଧିକାରୀ କ୍ଷେତ୍ର ପରିଦର୍ଶନ କରିସାରିଛନ୍ତି। ଟେଣ୍ଡର ପ୍ରକ୍ରିୟା ମଧ୍ୟ ହୋଇସାରିଥିବା ବେଳେ ନିର୍ମାଣ କାର୍ଯ୍ୟ ମନୁଷ୍ୟକୃତ ବିଳମ୍ବ ହେଉଛି। ଅନେକଥର ପ୍ରଶାସନ ଓ ଜନପ୍ରତିନିଧିଙ୍କଠାରେ ଅଭିଯୋଗ କଲା ପରେ ଅନୁମତି ପ୍ରଦାନ କରାଯାଇଛି। କାର୍ଯ୍ୟ ଆରମ୍ଭର ବିଳମ୍ବ ଦେଖି ଜନସାଧାରଣଙ୍କ ମନରେ ଏକ ଜନ ଆନ୍ଦୋଳନର ପ୍ରସ୍ତୁତି ପାଇଁ ଚର୍ଚ୍ଚା ଜୋର ହେଉଛି।

# ଝୋଟ ବ୍ୟାଗ୍, ଜୀବିକା ସହାୟତା ରାଶି ବଣ୍ଟନ

**ବରଗଡ଼, ୨୮।୨(ସମିସ):** ବରଗଡ଼ ୱାର୍ଡ ନମ୍ବର ୧୦ର ସମସ୍ତ ରାସନ୍ କାର୍ଡଧାରୀଙ୍କୁ ଦୁଇଟି ଝୋଟ ବ୍ୟାଗ ଓ ଏକ ହଜାର ଲେଖାଏ ଜୀବିକା ସହାୟତା ରାଶି ଟଙ୍କା ବଣ୍ଟନ କରାଯାଇଛି। ବରଗଡ଼ ବିଧାୟକ ଦେବେଶ ଆଚାର୍ଯ୍ୟ ମୁଖ୍ୟଅତିଥି ଭାବେ ପ୍ରତି ରାସନ୍ କାର୍ଡଧାରୀ ହିତାଧିକାରୀଙ୍କୁ ରାସନ୍ ସାମଗ୍ରୀ ନେବା ପାଇଁ ଦୁଇଟି ଝୋଟ ବ୍ୟାଗ ଓ ଏକ ହଜାର ଟଙ୍କାର ଆର୍ଥିକ ସହାୟତା ରାଶି ବଣ୍ଟନ କରିଥିଲେ। ପୌରାଧ୍ୟକ୍ଷା କଳ୍ପନା ମାଝୀ, ଉପନଗରପାଳ ରାଜେଶ ଅଗ୍ରୱାଲ ସ୍ଥାନୀୟ କାଉନସିଲର ଉମାଚରଣ ରାଉତ ଓ ଲିପୁ ସାହୁ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ।



ଏହି ଅବସରରେ ଏହି ୱାର୍ଡର ସମସ୍ତ ରାସନ୍ କାର୍ଡ ହିତାଧିକାରୀ ଉପସ୍ଥିତ ରହି ବ୍ୟାଗ ଓ ଆର୍ଥିକ ସହାୟତା ଗ୍ରହଣ କରି ବିଧାୟକ ତଥା ମୁଖ୍ୟମନ୍ତ୍ରୀଙ୍କୁ କୃତଜ୍ଞତା ଜ୍ଞାପନ କରିଥିଲେ।

# ଅଞ୍ଚଳ ମହାବିଦ୍ୟାଳୟରେ କ୍ୟାରିୟର କାଉନ୍‌ସେଲିଂ

**ପଦ୍ମପୁର, ୨୮।୨ (ସମିସ):** ପଦ୍ମପୁର ଅଞ୍ଚଳ ମହାବିଦ୍ୟାଳୟରେ ଅଧ୍ୟକ୍ଷ ଲଳିତ ମୋହନ ପଣ୍ଡାଙ୍କ ଅଧ୍ୟକ୍ଷତାରେ ଛାତ୍ରଛାତ୍ରୀମାନଙ୍କ ଉନ୍ନତିକଳ୍ପେ କ୍ୟାରିୟର କାଉନସେଲିଂ ଅନୁଷ୍ଠିତ ହୋଇଯାଇଛି। ଓଡ଼ିଆ ବିଭାଗର ମୁଖ୍ୟ ଡ. ସରୋଜ ନାଏକ କାର୍ଯ୍ୟକ୍ରମକୁ ସଞ୍ଚାଳନ କରିଥିଲେ। ସେନା ନିଯୁକ୍ତି କାର୍ଯ୍ୟାଳୟ ସମ୍ବଲପୁର ଅଗ୍ନିବୀର ଭାବେ ଯୁଗ୍ମ ଭାରତୀୟ ସେନାର ମେଜର ଅଙ୍କିତ ଶର୍ମା ଏବଂ ମନତୋଷ ମଜୁମଦାର ଉକ୍ତ କାର୍ଯ୍ୟରେ ଯୋଗଦାନ କରିଥିଲେ। କାର୍ଯ୍ୟକ୍ରମରେ ଖଗେଶ୍ୱର ଦାସ, ପ୍ରଭାତ ମହାପାତ୍ର, ନବକୃଷ୍ଣ ମିଶ୍ର, ପ୍ରମୋଦ ପାଣିଗ୍ରାହୀ, ସଦାନନ୍ଦ ଭୋଇ, ଲଲାଟେନ୍ଦୁ ପ୍ରଧାନ, ଡ. ମମତାମୟୀ ଗୁରୁ, ଝୁନୁ ପରିଡ଼ା, ଖୁଦିରାମ ପାତ୍ର, ଜୟକୁମାର ଭୁଏ, ସସ୍ମିତା ମେହେର, ନିକିତା ଭୋଇ ତଥା ଅନ୍ୟାନ୍ୟ ଅଧ୍ୟାପକ ଅଧ୍ୟାପିକା ଏବଂ ବହୁ ସଂଖ୍ୟାରେ ଛାତ୍ରଛାତ୍ରୀ ଯୋଗଦାନ କରିଥିଲେ। ଡ. ସୁବୋଧ ତ୍ରିପାଠୀ ଧନ୍ୟବାଦ ଜ୍ଞାପନ କରିଥିଲେ।

# ବେଆଇନ ଚାଲାଣବେଳେ ବିପୁଳ ଦେଶୀମଦ ଜବତ

## ପିକ୍‌ଅପ୍ ସହ ୨ ଗିରଫ

**ବରଗଡ଼, ୨୮।୨(ସମିସ):** ବରଗଡ଼ ସଦର ଥାନା ପୁଲିସ ବେଆଇନ ଚାଲାଣ ହେଉଥିବା ବିପୁଳ ପରିମାଣର ଦେଶୀମଦ ସହ ୨ ଜଣ ବ୍ୟକ୍ତିଙ୍କୁ ଗିରଫ କରିଛି। ଗିରଫ ବ୍ୟକ୍ତିମାନେ ପ୍ରମୋଦ ସାହୁ ଏବଂ ସମ୍ବଲପୁରର ଅଜିତ ଷଣ୍ଡ ବୋଲି ଜଣାପଡ଼ିଛି। ସେମାନଙ୍କଠାରୁ ପୁଲିସ ଏକ ପିକଅପ ଗାଡି ସହ ୨୨ଟି ଡ୍ରମରେ ଥିବା ୧୧ ଶହ ଲିଟର ଦେଶୀ ମଦ ଜବତ କରିଥିଲା। ମଙ୍ଗଳବାର ରାତିରେ ଚକରକେନ୍ଦରୁ ଦେଶୀମଦ ଚାଲାଣ ହେଉଥିବା ଖବର ପାଇ ସଦର ଥାନା ପୁଲିସ ଚଢ଼ଉ କରିଥିଲା। ଏହି ଘଟଣାରେ ପୁଲିସ ଅମ୍ବାପାଲିରେ ରହୁଥିବା ଝାରଖଣ୍ଡ ଅଞ୍ଚଳର ଅଭିଯୁକ୍ତଦ୍ୱୟଙ୍କୁ ଗିରଫ କରି ଏକ ମାମଲା ରୁଜୁ କରିଛି। ଗିରଫ ଦୁଇ ଜଣଙ୍କୁ କୋର୍ଟ ଚାଲାଣ କରାଯାଇଥିବା ଥାନାଧିକାରୀ ମାନସ ଭୋଇ କହିଛନ୍ତି।



# ବାଦିମାଲ କ୍ରିକେଟ୍ ଉଦ୍‌ଯାପିତ: ସିଂହନପୁର ଚାମ୍ପିଅନ

**ଦହିତା, ୨୮।୨(ସମିସ):** ପଦ୍ମପୁର ନିକଟସ୍ଥ ବାଦିମାଲଠାରେ ମା’ ଲଙ୍କେଶ୍ୱରୀ କ୍ରିକେଟ କ୍ଲବ ଦ୍ୱାରା ଆୟୋଜିତ ୨୦ତମ ପୃଥ୍ୱୀରାଜ ଓ ଚିତ୍ତରଞ୍ଜନ ସ୍ମାରକୀ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ଉଦଯାପିତ ହୋଇଯାଇଛି। ବୁଧବାର ଅନୁଷ୍ଠିତ ଫାଇନାଲ ମ୍ୟାଚରେ ସିଂହନପୁର ଦଳ ମହୁଲପାଲି ଦଳକୁ ହରାଇ ଚାମ୍ପିଅନ ହୋଇଛନ୍ତି। ମ୍ୟାଚ ପରେ ଅନୁଷ୍ଠିତ ଉଦଯାପନୀ ଉତ୍ସବରେ ମୁଖ୍ୟଅତିଥି ରୂପେ ପଦ୍ମପୁର ବିଧାୟିକା ବର୍ଷା ସିଂ ବରିହା ଏବଂ ସମ୍ମାନିତ ଅତିଥି ରୂପେ ରାଜୁ ଘିବେଲା, ଉପେନ୍ଦ୍ର ବାଗ ଓ ଦୁଷ୍ମନ୍ତ ପଟେଲ ଯୋଗ ଦେଇଥିଲେ। ଆଜିର ମ୍ୟାଚରେ ରିଙ୍କୁ, ଗୋକୁଳ, ଦୀପକ ଓ ଧର୍ମେନ୍ଦ୍ର ଅମ୍ପ୍ୟାରିଂ ଏବ ମନୋଜ, ରାହୁଲ, ତାପସ ଓ ବିଜୟ ସ୍କୋରିଂ ଦାୟିତ୍ୱ ତୁଲାଇଥିଲେ। ବିକାଶ ଓ ଦିଲୀପ ଧାରାବିବରଣୀ ପ୍ରଦାନ କରିଥିଲେ। ହର୍ଷ, ରାଜୁ, ଗୋକୁଳ, ଲିଙ୍ଗରାଜ, ସୁଦାମ, ତନୁର୍ଯ୍ୟ, ବିରଞ୍ଚି, ଆକାଶ, ଠାକୁର, ଶିବ, ସତ୍ୟ, ଜଗତ, ମୁକେଶ ଆଦି ସହଯୋଗ କରିଥିଲେ। ସଭାପତି ଦୀପକ ଧନ୍ୟବାଦ ଅର୍ପଣ କରିଥିଲେ।




# ଅଡ଼ଗାଁ ପାକ୍ସର ବାର୍ଷିକୋତ୍ସବରେ ରକ୍ତଦାନ ଶିବିର




**ବରଗଡ଼, ୨୮।୨(ସମିସ):** ବରଗଡ଼ ସଦର ବ୍ଲକ ଅଡଗାଁ ପ୍ରାଥମିକ କୃଷି ସମବାୟ ସମିତିର ବାର୍ଷିକୋତ୍ସବ ଅନୁଷ୍ଠିତ ହୋଇଯାଇଛି। ଗାଇସିମା ଗ୍ରାମପଞ୍ଚାୟତ ଅନ୍ତର୍ଗତ ମାଲିପାଲି ବାବା ମଠରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଅଡଗାଁ ପ୍ରାଥମିକ କୃଷି ସମବାୟ ସମିତି ଓ ନିଷ୍ଠା ପରିବାରର ମିଳିତ ଉଦ୍ୟମରେ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଆୟୋଜିତ ହୋଇଥିଲା। ଏହି ଶିବିରକୁ ସମିତିର ସମ୍ପାଦକ ସୁଶୀଲ ମେହେର ଶୁଭାରମ୍ଭ କରିଥିବା ବେଳେ ବରଗଡ଼ ରକ୍ତଭଣ୍ଡାର ଦ୍ୱାରା ସର୍ବମୋଟ ୩୬ୟୁନିଟ୍ ରକ୍ତ ସଂଗୃହୀତ ହୋଇଥିଲା। ପରେ ପରେ ଚାଷୀ ମାନଙ୍କୁ ନେଇ ପାକ୍ସ ସଭାପତି ଅଶ୍ୱିନୀ ତ୍ରିପାଠୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ସମ୍ପାଦକ ସୁଶୀଲ ମେହେର ବାର୍ଷିକ ବିବରଣୀ ପାଠ କରିଥିଲେ। କାର୍ଯ୍ୟକ୍ରମରେ ସମିତିର ସମସ୍ତ ଡାଇରେକ୍ଟର ଉପସ୍ଥିତ ଥିବା ବେଳେ ଏ ଅବସରରେ ସମିତିର ଶ୍ରେଷ୍ଠ ଦଶ ଜଣ ଚାଷୀମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସୁରେନ୍ଦ୍ର ଭୋଇ, ଜଗବନ୍ଧୁ କଲତା, ପ୍ରଶାନ୍ତ ପୂଝାରୀ ଓ ଅନ୍ୟ କର୍ମଚାରୀ ସହଯୋଗ କରିଥିଲେ। ଚାଷୀମାନଙ୍କର ବିଭିନ୍ନ ସମସ୍ୟା ସମାଧାନ ନିମନ୍ତେ ସମିତିରେ ପ୍ରସ୍ତାବ ଗୃହୀତ ହୋଇଥିଲା। ସମବାୟ ବ୍ୟାଙ୍କର ଜୋସେଫ ଭୋଇ ଚାଷୀମାନଙ୍କୁ ଠିକ ସମୟରେ ଋଣ ନେଇ ସମବାୟ ସମିତିର ସେବା ନେବା ପାଇଁ ଚାଷୀମାନଙ୍କୁ ବୁଝାଇଥିଲେ। ଡାଇରେକ୍ଟର କ୍ଷିରୋଦ୍ର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ରକ୍ତଦାନ ଶିବିର ଆୟୋଜନ ପାଇଁ ସମିତିର ସଭାପତି ଅଶ୍ୱିନୀ ତ୍ରିପାଠୀ ଓ ଅନ୍ୟ କର୍ମଚାରୀ ମାନଙ୍କୁ ଏକ ସ୍ମୃତିଫଳକ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ନିଷ୍ଠା ପରିବାରର ସଭାପତି ରକ୍ଷପାଲ ସାହୁ, ସମ୍ପାଦକ ଲୋକନାଥ ସାହୁ, କୋଷାଧ୍ୟକ୍ଷ ଶ୍ୟାମସୁନ୍ଦର ସାହୁଙ୍କ ସମେତ ଅନ୍ୟ ସଦସ୍ୟ ପରିଚାଳନା କରିଥିଲେ।

# ସିଧିରାରେ ଆଇନ ସଚେତନତା ଶିବିର

**ସୋହେଲା, ୨୮।୨(ସମିସ):** ସୋହେଲା ବ୍ଲକର ମେଲଛାମୁଣ୍ଡା ଥାନା ଅନ୍ତର୍ଗତ ସିଧିରା ଗ୍ରାମରେ ତାଲୁକ ଆଇନ ସେବା ସମିତି ପକ୍ଷରୁ ଏକ ଆଇନ ସଚେତନତା ଶିବିର ଅନୁଷ୍ଠିତ ହୋଇଥିଲା। ସୋହେଲାର ବିଚାର ବିଭାଗୀୟ ପ୍ରଥମ ଶ୍ରେଣୀ ମାଜିଷ୍ଟ୍ରେଟ ରୋହିତ ରଞ୍ଜନ ମିଶ୍ର ସଭାପତିତ୍ୱ କରିଥିଲେ। ଅତିଥିମାନଙ୍କ ପରିଚୟ ପ୍ରଦାନ କରିଥିଲେ ବରିଷ୍ଠ ଆଇନଜୀବୀ ସୁନୀଲ ଅଗ୍ରୱାଲ। ତାଲୁକ ଆଇନ ସେବା ସମିତିର ଆଭିମୁଖ୍ୟ ଉପରେ ସୂଚନା ଦେବା ସହିତ ଗ୍ରାମାଞ୍ଚଳରେ କିପରି ଆଇନ ସଚେତନତା ଅଭାବରୁ ଲୋକେ ହଇରାଣ ହରକତ ହୋଇଥାନ୍ତି ସେ ନେଇ ଆଇନଜୀବୀ ପ୍ରମୋଦ ସାହୁ ବକ୍ତବ୍ୟ ପ୍ରଦାନ କରିଥିଲେ। ମଞ୍ଚାସୀନ ଥିବା ସରକାରୀ ଓକିଲ ରୋହିତ ଦେବତା ଦାଦନ ଶ୍ରମିକ ସମସ୍ୟା, ଅନ୍ୟ ରାଜ୍ୟକୁ ଦାଦନ ଖଟିବାକୁ ଗଲେ ଶ୍ରମ କାର୍ଯ୍ୟାଳୟରେ ପଞ୍ଜୀକରଣ, ଶ୍ରମ ଆଇନ ଆଦି ଉପରେ ସୂଚନା ଦେଇ ଲୋକଙ୍କୁ ସଚେତନ କରିଥିଲେ। ବିଚାର ବିଭାଗୀୟ ପ୍ରଥମ ଶ୍ରେଣୀ ମାଜିଷ୍ଟ୍ରେଟ ଶ୍ରୀ ମିଶ୍ର ଶ୍ରମ ଆଇନ ଉପରେ ଆଲୋଚନା କରିଥିଲେ। ସରପଞ୍ଚ ଆନନ୍ଦ ଜାଲ ଧନ୍ୟବାଦ ଅର୍ପଣ କରିଥିଲେ। ଆଇନଜୀବୀ ବିଭୂତି ଭୂଷଣ ପଧାନ ଓ କ୍ଷମାନିଧି ନାୟକ ଉପସ୍ଥିତ ଥିଲେ। ଶିବିରକୁ ବରିଷ୍ଠ ଆଇନଜୀବୀ ସୁନୀଲ ଅଗ୍ରୱାଲ ସଂଯୋଜନା କରିଥିଲେ।




# ଧୂଳିର ସହର ପଦ୍ମପୁର

**ପଦ୍ମପୁର, ୨୮।୨ (ସମିସ):** ପଦ୍ମପୁର ସହରର ସମସ୍ତ ରାସ୍ତାର ଧୂଳିଗୁଣ୍ଡ ଜନସାଧାରଣଙ୍କୁ ଅତିଷ୍ଠ କରି ଦେଉଛି। ଯାନବାହନ ପ୍ରତି କୌଣସି ନିୟନ୍ତ୍ରଣ ନ ଥିବାରୁ ଧୂଳିଗୁଣ୍ଡ ଏକ ଚିନ୍ତାଜନକ ସମସ୍ୟା ହୋଇଛି। ଧୂଳି ଉଡିବା ଦ୍ୱାରା ଶ୍ୱାସରୋଗ ମାତ୍ରାଧିକ ହେଉଛି। ଛୋଟ ଛୋଟ ଶିଶୁମାନେ ଧୂଳି ମିଶା ପବନକୁ ଗ୍ରହଣ କରିବା ଦ୍ୱାରା ଏଲର୍ଜି ହୋଇ ଶ୍ୱାସ ରୁଦ୍ଧ ହେଲା ପରି କଷ୍ଟ ଅନୁଭବ କରୁଛନ୍ତି। ରାସ୍ତା ଉପରେ ଥରେ ଗଲା ପରେ ଅଣ୍ଡାରୋଗ ଦୀର୍ଘ ଦିନ ରହୁଛି। ରାସ୍ତା ନିର୍ମାଣ ଆଳରେ କାର୍ଯ୍ୟର ଅଗ୍ରଗତି ଧିମେଇ ଯାଉଛି। ଫଳରେ ଧୂଳିଗୁଣ୍ଡର ପାହାଡରେ ଅଞ୍ଚଳବାସୀ ବୁଡି ରହୁଛନ୍ତି। ସଂପୃକ୍ତ ବିଭାଗର ଅଧିକାରୀମାନେ ରାସ୍ତାରେ ଯାତାୟାତ କରୁଥିଲେ ସୁଦ୍ଧା ନିରବ ରହୁଛନ୍ତି। ଟ୍ରାଫିକ ସମସ୍ୟାର ସମାଧାନ ନ ହେଉଣୁ, ଧୂଳିଗୁଣ୍ଡର ସମସ୍ୟା ଘେରି ରହିଛି। ସର୍ବସାଧାରଣଙ୍କ ବୃହତ ସ୍ୱାର୍ଥପ୍ରତି ନଜର ରଖି ରାସ୍ତା ନିର୍ମାଣକାରୀ ସଂସ୍ଥା ନିର୍ମାଣାଧୀନ ରାସ୍ତା ଉପରେ ପାଣି ସିଞ୍ଚନ କରିବାକୁ ଦାବି ହେଉଛି।

# ସମ୍ପର୍କ ପରିବାର ପକ୍ଷରୁ ରକ୍ତଦାନ ଶିବିର

**ଥୁଆପାଲି, ୨୮।୨(ସମିସ)**

ରେମଣ୍ଡା ପଞ୍ଚାୟତର ନାଗପଡ଼ା ଗ୍ରାମଠାରେ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ସମ୍ପର୍କ ପରିବାର ବରଗଡର ଅଧ୍ୟକ୍ଷ ରଂଜନ ସେଠଙ୍କ ନେତୃତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଆନ୍ତର୍ଜାତୀୟ ପର୍ବତାରୋହୀ ଲିପିକା ସେଠ, ସମ୍ମାନିତ ଅତିଥି ଭାବେ କୁରୁଆଁ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ସଦାନନ୍ଦ ଗରିଆ, ସାମ୍ବାଦିକ ହେମନ୍ତ ନାୟକ ଉପସ୍ଥିତ ରକ୍ତଦାତାଙ୍କୁ ଉତ୍ସାହିତ କରିଥିଲେ। ରକ୍ତ ସଂଗ୍ରହ କରିଥିଲେ ବୀର ସୁରେନ୍ଦ୍ର ସାଏ ମେଡିକାଲ କଲେଜ ବୁର୍ଲାର ରକ୍ତଭଣ୍ଡାର ଅଧିକାରୀ ଡା. ଇଲିଜା ମେହେର, କାଉନସେଲର ମଣ୍ଟୁ ପ୍ରଧାନ, ଟେକନିସିଆନ ଦେବାଶିଷ ମିଶ୍ର, ଜନକ ବେହେରା, ପାଏନୁ ଭୋଇ ଓ ସଂଜୀବ ବେରା। ଏଥିରେ ମୋଟ ୩୨ ୟୁନିଟ୍ ରକ୍ତ ସଂଗ୍ରହ ହୋଇଥିଲା। ୨ଜଣ ମହିଳା ବଡମତୀ ନାଗ, ବୁଇ ତରିଆ ସମେତ ୧୨ ଜଣ ପ୍ରଥମ କରି ରକ୍ତଦାନ କରିଥିଲେ। ମାନସ ରଞ୍ଜନ ମହାକୁର, ସୁନୀଲ ନାଗ, ମନୋଜ ତରିଆ, ଗୋପବନ୍ଧୁ ନାଗ ଓ ରାଧାକୃଷ୍ଣ ସଂକୀର୍ତ୍ତନମଣ୍ଡଳୀର ସଦସ୍ୟ ସହଯୋଗ କରିଥିଲେ।








ଏକାଦଶାହ ଉପଲକ୍ଷେ



୰ ପୂର୍ଣ୍ଣଶଶୀ ମହାନ୍ତି

ବୋଉ,
ତୁ ଥିଲୁ ଆମ ଯୌଥ ପରିବାରର ମଙ୍ଗ। ତୋ' ସ୍ନେହ, ମମତା, ଆନ୍ତରିକତା, ପରୋପକାରିତା ଓ ଧର୍ମପରାୟଣତା ଆମ ସ୍ମୃତିରେ ସବୁବେଳେ ରହିବ। ସେ ପୁରରୁ ଆମମାନଙ୍କୁ ଆଶିଷ ଦେବୁ - ତୋ'ଆଦର୍ଶ, ତ୍ୟାଗ ଓ ମହନୀୟତାରେ ଅନୁପ୍ରାଣିତ ହେବାପାଇଁ। ତୋ ଶେଷ ଜୀବନର କଷ୍ଟ ଆମମାନଙ୍କୁ ବ୍ୟଥିତ କରିଥିଲା ସତ, ହେଲେ ତାହା ବୋଧେ ଥିଲା ବିଧିନିର୍ଦ୍ଦିଷ୍ଟ। ତୋ' ପରି ମାଆ ଟିଏ ପାଇ ଆମେ ସମସ୍ତେ ଧନ୍ୟ। ତୋ'ଆତ୍ମାର ମୋକ୍ଷ ଓ ସଦଗତି ନିମନ୍ତେ ଈଶ୍ୱରଙ୍କ ନିକଟରେ ପ୍ରାର୍ଥନା।

ଶୋକସନ୍ତପ୍ତ:
ପୁଅ, ବୋହୂ, ଝିଅ, ଜ୍ୱାଇଁ, ପୁତୁରା, ଝିଆରୀ, ନାତି, ନାତୁଣୀ, ନାତୁଣୀବୋହୂ, ନାତୁଣୀଜ୍ୱାଇଁ, ଅଣନାତି, ଅଣ ନାତୁଣୀ ଓ ଆତ୍ମୀୟ ସ୍ୱଜନ

## ଭିସୁଟ୍‌ରେ ଜାତୀୟ ବିଜ୍ଞାନ ଦିବସ

# 'ଆଧୁନିକ ବିଜ୍ଞାନ ପାରମ୍ପରିକ ଫସଲର ବିବିଧତା ହତ୍ୟା କରିଛି'

**ସମ୍ବଲପୁର, ୨୮ ।୨(ସମିସ)**

ଜାତୀୟ ବିଜ୍ଞାନ ଦିବସ ଉପଲକ୍ଷେ ବୀର ସୁରେନ୍ଦ୍ର ସାଏ ବୈଷୟିକ ବିଶ୍ୱବିଦ୍ୟାଳୟ (ଭିସୁଟ)ରେ ଜାତୀୟ ସମ୍ମିଳନୀ, 'ପାରମ୍ପରିକ ଜ୍ଞାନ ଓ ପରମ୍ପରାର ନବ ଉନ୍ମେଷ' ଅନୁଷ୍ଠିତ ହୋଇଥିଲା। କୁଳପତି ପ୍ରଫେସର ବଂଶୀଧର



ମାଝି ସିଭି ରମଣଙ୍କ ଯୁଗାନ୍ତକାରୀ ଆବିଷ୍କାର ସବୁର ଇତିହାସରୁ ପ୍ରେରଣା ନେଇ ଗବେଷକ ମାନଙ୍କୁ ଦେଶର ଲୋକ ମାନଙ୍କ କଲ୍ୟାଣ ପାଇଁ ଗବେଷଣା କରିବା ପାଇଁ ପ୍ରେରିତ କରିଥିଲେ। କାର୍ଯ୍ୟକ୍ରମ ଆବାହକ ପ୍ରଫେସର ସଞ୍ଜୟ କୁମାର ପାତ୍ର ବିଷୟ ପରିଚୟ ପ୍ରଦାନ ପୂର୍ବକ ପାରମ୍ପରିକ ବିଜ୍ଞାନ ଏ ବର୍ଷ ଜାତୀୟ ବିଜ୍ଞାନ ଦିବସର ଥିମ ଅଛି ବୋଲି କହିଥିଲେ। ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ସମ୍ବଲପୁର ମୁନିସିପାଲ କମିଶନର ବେଦ ଭୂଷଣ ଭାରତୀୟ ଗବେଷକ ମାନଙ୍କ ଏକତା ଓ ଏକାତ୍ମତାର ଅଭାବକୁ ରେଖାଙ୍କିତ କରି ଏକାଠି କାମ କରିବାର ଆବଶ୍ୟକତା ଅଛି ବୋଲି କହିଥିଲେ। କାର୍ଯ୍ୟକ୍ରମ ସଭାପତି ପ୍ରଫେସର ଶଙ୍କର ପ୍ରସାଦ ପତି ରମଣଙ୍କ ଗବେଷଣାର ବିଭିନ୍ନ ଦିଗ ଓ ଦିଗନ୍ତ କିପରି ସାମ୍ପ୍ରତିକ ବିଜ୍ଞାନକୁ ଉଦ୍ଜୀବିତ କରିଛି ତାହା ବିଶଦ ଭାବେ ବର୍ଣ୍ଣନା କରିଥିଲେ। ସମ୍ମାନିତ ବକ୍ତା ପ୍ରଫେସର ପ୍ରଶାନ୍ତ କୁମାର ପାଣିଗ୍ରାହୀ କହିଲେ ଚନ୍ଦ୍ର ଶେଖର ଭେଙ୍କଟ ରମଣ ବାସ୍ତବ ଅର୍ଥରେ ଭାରତର ରତ୍ନ ଥିଲେ। ପ୍ରଫେସର ପାଣିଗ୍ରାହୀ ଭାରତ ସରକାରଙ୍କ କ୍ୱାଣ୍ଟମ ମିଶନ ବିଷୟରେ ବିସ୍ତୃତ ସୂଚନା ଦେଇଥିଲେ। ସମ୍ମାନିତ ବକ୍ତା ମୋହିନୀ ମୋହନ ମିଶ୍ର ଆଧୁନିକ ବିଜ୍ଞାନ ପାରମ୍ପରିକ ଫସଲର ବିବିଧତା ହତ୍ୟା କରିଛି। ଆଧୁନିକ ବିଜ୍ଞାନ ଅମଳକ୍ଷମ ଫସଲ ଉତ୍ପାଦନ ଲୋଭରେ ଜୈବ ବିବିଧତା ନଷ୍ଟ କରିଦେଇଛି। ୧୩୯ ପ୍ରକାରର ଶାଗ, ୪୩୨ ପ୍ରକାରର ବାଇଗଣ, ଶତାଧିକ ପ୍ରକାରର ଧାନ ଆମର ଖାଦ୍ୟ ଅଭ୍ୟାସର ଅଂଶ ଥିଲା। ଉଷୁନା, ଅରୁଆ, ଖିରି, ମୁଢି, ଚୁଡା, ଖଇ, ଉଖୁଡ଼ା, ପଖାଳ, ହାଣ୍ଡିଆ ପାଇଁ ଅଲଗା ଅଲଗା ଧାନ ଚାଷ ହେଉଥିଲା। ସ୍ୱାମୀନାଥନ୍ ସିଣ୍ଡ୍ରୋମ ଗୋଟିଏ ପ୍ରକାର ଫସଲ ଉତ୍ପାଦନକୁ ପ୍ରୋତ୍ସାହିତ କରିବା ଦ୍ୱାରା ଆଜି ଆମ ଚାଷ, ଆମ ସଂସ୍କୃତି ପାଉଁଶ ଗଦାରେ ବୋଲି କହିଥିଲେ। ପ୍ଲାଜମା ପ୍ରଯୁକ୍ତି ବିଦ୍ୟା ବ୍ୟବହାର କରି ଅମଳକ୍ଷମ ବିହନ ପ୍ରସ୍ତୁତ କରିହେବ ବୋଲି ନିମନ୍ତ୍ରିତ ବକ୍ତା ଡଃ ଗୌରୀଶଙ୍କର ସାହୁ ମତବ୍ୟକ୍ତ କରିଥିଲେ। ବିଭିନ୍ନ ଅଧିବେଶନରେ ଡଃ ପଦ୍ମନାଭ ଯୋଷୀ, ପ୍ରଫେସର ଶଙ୍କର ପ୍ରସାଦ ପତି, ପ୍ରଫେସର ସଞ୍ଜୟ କୁମାର ପାତ୍ର, ଡଃ ପୂର୍ଣ୍ଣପ୍ରିୟା ମିଶ୍ର, ଡଃ ଅଧ୍ୟାପକ ଦିବ୍ୟ କିଶୋର ପଣ୍ଡା ପ୍ରମୁଖ ଅଧ୍ୟକ୍ଷତା କରିଥିଲେ। ଜୀବନ ବ୍ୟାପି ସାଧନା ପାଇଁ ଓଡ଼ିଶା ବିଜ୍ଞାନ ମଣ୍ଡଳ ସମ୍ବଲପୁର ତରଫରୁ ଆଇଜର କଲିକତାର ପ୍ରାକ୍ତନ ନିର୍ଦ୍ଦେଶକ ଓ ବିଶିଷ୍ଟ କ୍ୱାଣ୍ଟମ ଗବେଷକ ପ୍ରଫେସର ପ୍ରଶାନ୍ତ କୁମାର ପାଣିଗ୍ରାହୀଙ୍କୁ ଭାରତରତ୍ନ ଭେଙ୍କଟରମଣ ଗବେଷକ ସମ୍ମାନ -୨୦୨୪ ଓ ମାଧ୍ୟମିକ ଶିକ୍ଷା ବୋର୍ଡର ଅବସରପ୍ରାପ୍ତ ବିଜ୍ଞାନ ବିଶେଷଜ୍ଞ କିଶୋର ଚନ୍ଦ୍ର ମହାନ୍ତିଙ୍କୁ ଭାରତରତ୍ନ ଭେଙ୍କଟରମଣ ଶିକ୍ଷା ସମ୍ମାନ -୨୦୨୪ ପ୍ରଦାନ ପୂର୍ବକ ସ୍ମୃତି ଚିହ୍ନ ଓ ମାନପତ୍ର ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମର ସଂଗଠନ ସମ୍ପାଦକ ପ୍ରଫେସର ଗଣେଶ୍ୱର ନାଥ, ତାଙ୍କ ସହଯୋଗୀ ପ୍ରାଧ୍ୟାପକ ଡଃ ଆନନ୍ଦ କୁମାର ବେହେରା, ଡଃ ବିଦ୍ୟାଧର ରାଉତ ପ୍ରମୁଖ କାର୍ଯ୍ୟକ୍ରମ ସଂଯୋଜନା କରିଥିବା ବେଳେ ସଂଦୀପ କୁମାର ସ୍ୱାଇଁ, ଶ୍ରେୟସ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ପଦାର୍ଥ ବିଜ୍ଞାନର ବରିଷ୍ଠ ପ୍ରାଧ୍ୟାପିକା ଡଃ ସୁନନ୍ଦା କୁମାରୀ ପତ୍ରୀ ଧନ୍ୟବାଦ ଅର୍ପଣ କରିଥିଲେ।

## ଡକ୍ଟର ଶିବ ପ୍ରସାଦ ପାଣିଗ୍ରାହୀଙ୍କୁ ବାଧ୍ୟତାମୂଳକ ଅବସର

**ବୁର୍ଲା, ୨୮ ।୨(ସମିସ):** ବୁର୍ଲାସ୍ଥିତ ବୀର ସୁରେନ୍ଦ୍ର ସାଏ ବୈଷୟିକ ବିଶ୍ୱବିଦ୍ୟାଳୟ (ଭିସୁଟ୍)ର ଆସୋସିଏଟ ପ୍ରଫେସର ଡକ୍ଟର ଶିବ ପ୍ରସାଦ ପାଣିଗ୍ରାହୀଙ୍କୁ ବାଧ୍ୟତାମୂଳକ ଅବସର ପ୍ରଦାନ କରାଯାଇଛି।



କୁଳପତି ପ୍ରଫେସର ବଂଶୀଧର ମାଝୀଙ୍କ ନିର୍ଦ୍ଦେଶ କ୍ରମେ କୁଳସଚିବ ଏହି ନିର୍ଦ୍ଦେଶନାମା ଜାରି କରିଛନ୍ତି। ଡ. ପାଣିଗ୍ରାହୀ ଇଲେକ୍ଟ୍ରିକାଲ ଇଂଜିନିୟରିଂ ବିଭାଗରେ ପୂର୍ବରୁ ଆସୋସିଏଟ ପ୍ରଫେସର ଭାବେ କାର୍ଯ୍ୟ କରୁଥିଲେ। ତେବେ ତାଙ୍କର ବିଶୃଙ୍ଖଳିତ ଆଚରଣ ପାଇଁ ତାଙ୍କୁ ବାଧ୍ୟତାମୂଳକ ଅବସର ଦିଆଯାଇଥିବା ଭିସୁଟ ପକ୍ଷରୁ ସୂଚନା ଦିଆଯାଇଛି। ସୋସିଆଲ ମିଡିଆରେ ବିଶ୍ୱବିଦ୍ୟାଳୟକୁ ଗାଳିଗୁଲଜ କରିବା, ବିଶୃଙ୍ଖଳିତ ଆଚରଣ କରିବା ପରି ଅଭିଯୋଗ ତାଙ୍କ ନାଁରେ ପୂର୍ବରୁ ରହିଆସିଛି। ପୂର୍ବରୁ ଥରେ ସେ ନିଲମ୍ବିତ ମଧ୍ୟ ହୋଇଥିବା ଭିସୁଟ ପକ୍ଷରୁ କୁହାଯାଇଛି। ବାଧ୍ୟତାମୂଳକ ଅବସର ପ୍ରଦାନ ପରେ ଡ. ପାଣିଗ୍ରାହୀଙ୍କ ପାଖରେ ଯଦି କୌଣସି କାର୍ଯ୍ୟ ନ୍ୟସ୍ତ ଥିବ ସେ ଅତିଶୀଘ୍ର ତାହା ଇଲେକ୍ଟ୍ରିକାଲ ସାଇନ୍ସ ବିଭାଗୀୟ ମୁଖ୍ୟଙ୍କୁ ତାହା ପ୍ରଦାନ କରିବାକୁ କୁହାଯାଇଛି। ବାଇଓମେଟ୍ରିକ ଉପସ୍ଥାନ ତାଲିକାରୁ ମଧ୍ୟ ତାଙ୍କୁ ବାଦ୍ ଦିଆଯାଇଛି। ଡ. ପାଣିଗ୍ରାହୀଙ୍କୁ ପ୍ରଦାନ କରାଯାଇଥିବା ଅଫିସିଆଲ ମେଲ୍ ଆଇଡି ମଧ୍ୟ ଅକାମି କରିବାକୁ ପତ୍ରରେ ଉଲ୍ଲେଖ ରହିଛି।

## ବସ୍-ଟ୍ରକ୍ ମୁହାଁମୁହିଁ ଧକ୍କା

# ବସ୍ ହେଲପର ସମେତ ୬ ଯାତ୍ରୀ ଆହତ, ୪ ଗୁରୁତର

**ଜମନକିରା, ୨୮ ।୨(ସମିସ):** ୫୩ ନମ୍ବର ଜାତୀୟ ରାଜପଥ ଜମନକିରା ଥାନା ଅନ୍ତର୍ଗତ ଆମଲାଙ୍ଗ ମୋଡ଼ାଣି ଠାରେ ବୁଧବାର ରାତି ପ୍ରାୟ ସାଢ଼େ ୯ ଟାରେ ଏକ ଯାତ୍ରୀବାହୀ ବସ ଓ ଏକ ଲୁହାପଥର ବୋଝେଇ ଟ୍ରକ ମୁହାଁମୁହିଁ ଧକ୍କା ହେବା ଫଳରେ ବସର ହେଲ୍‌ପର ସମତେ ୬ ଜଣ ଯାତ୍ରୀ ଆହତ ହୋଇଛନ୍ତି। ଶ୍ରୀରାମଜୀ ନାମକ ଏହି ଘରୋଇ ବସ ବରଗଡ଼ ଠାରୁ ୩୫ ଜଣ ଯାତ୍ରୀ ନେଇ ବାଲେଶ୍ୱର ଯାଉଥିଲା। ଖବର ପାଇ ସ୍ଥାନୀୟ ଲୋକ, ପୁଲିସ ଓ ଦମକଳ



ବାହିନୀ ଘଟଣା ସ୍ଥଳକୁ ଯାଇ ଉଦ୍ଧାର କାର୍ଯ୍ୟ କରିଥିଲେ। ୪ ଜଣଙ୍କ ଅବସ୍ଥା ଗୁରୁତର ହେବାରୁ ତାଙ୍କୁ ବୁର୍ଲା ଭିମସାର ପଠାଯାଇଥିବା ବେଳେ ୨ ଜଣଙ୍କୁ କୁଚିଣ୍ଡା ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ବସ୍ ରେ ଥିବା ୨୦ରୁ ଅଧିକ ଯାତ୍ରୀ ସାମାନ୍ୟ ଆହତ ହୋଇଥିବା ସୂଚନା ମିଳିଛି। ଦୁର୍ଘଟଣାଗ୍ରସ୍ତ ବସର ନମ୍ବର ଓଡି ୦୧ୟୁ ୭୮୮୯ ହୋଇଥିବା ବେଳେ ଟ୍ରକର ନମ୍ବର ଓଡି ୦୯ କ୍ୟୁ୨୯୯୪ ବୋଲି ଜଣା ପଡ଼ିଛି। ଉଭୟ ଡ୍ରାଇଭର ଦୁର୍ଘଟଣା ସ୍ଥଳରୁ ଫେରାର ହୋଇଯାଇଛନ୍ତି।

## ରେଙ୍ଗାଲିରେ ସିରିଜ୍ ଚୋରି

# ମନ୍ଦିରକୁ ବି ଛାଡ଼ିଲେ ନି ଚୋର

**ରେଙ୍ଗାଲି, ୨୮ ।୨(ସମିସ):** ଦିନକୁ ଦିନ ଚୋରମାନଙ୍କ ପ୍ରାଦୁର୍ଭାବ ବଢ଼ିବାରେ ଲାଗିଛି। ଏପରିକି ମନ୍ଦିର ମାନଙ୍କରୁ ମଧ୍ୟ ଚୋରି କରିବସିଲେଣି। ରେଙ୍ଗାଲି ରେଳ ଷ୍ଟେସନ ନିକଟରେ ଥିବା ଦୁର୍ଗା ମନ୍ଦିର ଓ ତା'ପାଖରେ ଥିବା ଏକ ପାନ ଦୋକାନରୁ ଚୋରି ହୋଇଛି। ମଙ୍ଗଳବାର ବିଳମ୍ବିତ ରାତିରେ ଚୋରମାନେ ଦୁର୍ଗା ମନ୍ଦିରକୁ ପଶି ତିନୋଟି ଦାନବାକ୍ସ ଭାଙ୍ଗି ସେଥିରେ ଥିବା ଟଙ୍କା, ଦୁର୍ଗା ମା'ଙ୍କ ସୁନା ନଥ, କାନ ଫୁଲ, ପାଖରେ ଥିବା ଅନ୍ୟ ଏକ କୋଠରୀରୁ ଶାଢ଼ୀ ଚୋରି କରି ନେଇଛନ୍ତି। ଆଜି ସକାଳେ ମନ୍ଦିର ପୂଜାରୀ ପୂଜା ପାଇଁ ମନ୍ଦିର ଖୋଲିବାକୁ ଆସିବା ବେଳେ ମନ୍ଦିର ତାଲା ଭଙ୍ଗା ଯାଇଥିବାର ଦେଖିଥିଲେ। ପରେ ରେଙ୍ଗାଲି ପୁଲିସକୁ ଖବର ଦେଇଥିଲେ। ପୁଲିସ ସାଇଣ୍ଟିଫିକ୍ ଦଳ ଓ ସନ୍ଧାନୀ କୁକୁର ସହ ଆସି ତଦନ୍ତ କରିଥିଲେ। ଦୁର୍ଗା ମନ୍ଦିର ପାଖରେ ଥିବା



ଏକ ପାନ ଦୋକାନ ର ମଧ୍ୟ ତାଲା ଭଙ୍ଗା ହୋଇ ପାଖରେ ପଡ଼ିଥିଲା। କିନ୍ତୁ କିଛି ଚୋରି ହୋଇନଥିଲା। ରେଙ୍ଗାଲିରେ ଦିନକୁ ଦିନ ଚୋରି ବୃଦ୍ଧି ପାଇଛି। ଚୋର ମାନେ ପୁଲିସକୁ ଖୋଲା ଚାଲେଞ୍ଜ ଦେଉଛନ୍ତି। କିଛିଦିନ ତଳେ ରେଙ୍ଗାଲି ଥାନ ପାଖରେ ଥିବା ବିନାୟକ ପେଟ୍ରୋଲ ପମ୍ପ ପାଖରେ ଛିଡ଼ା ହୋଇଥିବା ଏକ ଟ୍ରକ୍‌ରୁ ପ୍ରାୟ ୩୦୦ଲିଟର ଡିଜେଲ ଚୋରି ହୋଇଥିଲା। ପୁଲିସ ପେଟ୍ରୋଲିଂକୁ କଡ଼ାକଡ଼ି କରାଯାଉ ଏବଂ ଚୋରଙ୍କୁ ଶୀଘ୍ର ଧରଯାଉ ବୋଲି ଜନସାଧାରଣ ଦାବି କରିଛନ୍ତି।

## ଆମ୍ବେଦକରନଗରରେ ଆମ୍ବେଦକର ଭବନ ଉଦ୍‌ଘାଟିତ



**ରେଢ଼ାଖୋଲ, ୨୮ ।୨(ସମିସ):** ସ୍ଥାନୀୟ ଆମ୍ବେଦକର ନଗର ଠାରେ ବୁଧବାର ଆମ୍ବେଦକର ୱେଲ୍ ଫେୟାର୍ କୋର୍ଡ଼ିନେସନ କମିଟି ପକ୍ଷରୁ ଆମ୍ବେଦକର ଭବନ ଉଦଘାଟନ ସମାରୋହ ହୋଇଯାଇଛି। ମୁଖ୍ୟ ଅତିଥି ଭାବରେ ରେଢ଼ାଖୋଲ ବିଧାୟକ ତଥା ପୂର୍ବତନ ଉଚ୍ଚଶିକ୍ଷା ମନ୍ତ୍ରୀ ରୋହିତ ପୂଜାରୀ ଯୋଗଦେଇ ଶୁଭ ଉଦଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବରେ ରେଢ଼ାଖୋଲ ପଞ୍ଚାୟତ ସମିତି ଅଧ୍ୟକ୍ଷ ପ୍ରଦୀପ ପ୍ରଧାନ, ଏନଏସି ଅଧ୍ୟକ୍ଷ ଶିବରାମ ସାହୁ, ବିଜେଡ଼ି ନଗର ସଭାପତି ସିଦ୍ଧାର୍ଥ ପ୍ରଧାନ, ବିଜେଡ଼ି ନଗର ଯୁବ ସଭାପତି ବିକାଶ ଦାସ, ଛାତ୍ର ସଭାପତି ଶିବ ଶମ୍ଭୁ ନନ୍ଦ, ପୂର୍ବତନ ଏନଏସି ଉପାଧ୍ୟକ୍ଷ ସୁନିଲ କୁମାର ପ୍ରଧାନ, ଟିଟୁ ଦେହୁରୀ, ଲକ୍ଷ୍ମଣ ପ୍ରଧାନ, ଗୋଲାପି ମୁଖୀ, ସୁଧାଂଶୁ ଶେଖର ଅମାତ ପ୍ରମୁଖ ଯୋଗ ଦେଇଥିଲେ। କମିଟିର ସଭାପତି ପ୍ରକାଶ ମୁଖୀ, ସମ୍ପାଦକ ପ୍ରଫୁଲ୍ଲ ବେହେରା, ଉପସଭାପତି ସୁରଜ ସନ୍ ନାଏକ, ସହ ସମ୍ପାଦକ ଜିତେନ୍ଦ୍ର ବେହେରା, କୋଷାଧ୍ୟକ୍ଷ ସୁବାସ ବେହେରା, ପୂର୍ବତନ ସମ୍ପାଦକ ରାଜୁ ମୁଖୀ, ମନୋଜ ମୁଖୀ, ଦିଲ୍ଲୀପ ମୁଖୀ, ବିକାଶ ବେହେରା, ପିଣ୍ଟୁ ବେହେରା, ରମା ବେହେରା, ଶିବ ବେହେରା, ଲବନୀ ନାଏକ, ସୁମନ୍ତ ବେହେରା, ବିଶାଲ ବେହେରା, ସୁରେଶ ବେହେରା, ଲବ ବେହେରା, ସିକେନ୍ଦ୍ର ମୁଖୀ, ଭାଗିରଥି ବେହେରା, ନିରୋଜ ବେହେରା, ସୁରଜ ସନ୍ ବେହେରା, ରଙ୍କ ଅମାତ ପ୍ରମୁଖ ସହଯୋଗ କରିଥିଲେ।

# ଏନ୍‌ଏସି ମାନ୍ୟତା ଓ ରେଳ ସମସ୍ୟା ନେଇ ୧୨ଘଣ୍ଟିଆ ବନ୍ଦ

**ବାମରା, ୨୮ ।୨(ସମିସ):** ବାମରା ଟାଉନକୁ ଏନ୍‌ଏସି ଘୋଷଣା କରିବା ତଥା ବାମରା ରେଳ ଷ୍ଟେସନରେ କରୋନା କାଳରେ ଉଚ୍ଛେଦ କରାଯାଇଥିବା ସମସ୍ତ ଟ୍ରେନର ରହଣି, ଷ୍ଟେସନର ଉଭୟ ପାର୍ଶ୍ୱରେ ଏଏଚ୍ଏ ନିର୍ମାଣ, ତାଳଚେର-ବିମଳାଗଡ଼ ରେଳ ଲାଇନକୁ ବାମରା କେଶାଇବାହାଲ କୁଚିଣ୍ଡା ଦେବଗଡ଼ ଦେଇ ବାମରା ଷ୍ଟେସନ ପର୍ଯ୍ୟନ୍ତ ସମ୍ପ୍ରସାରଣ କରିବାକୁ ଦାବି କରାଯାଇଛି। ଉପରୋକ୍ତ ଦାବିକୁ ନେଇ ବୁଧବାର ସକାଳ ୬ ଟାରୁ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ଦୀର୍ଘ ୧୨ଘଣ୍ଟିଆ ବନ୍ଦ ପାଳନ କରାଯାଇଥିଲା। ଏହି ଅବସରରେ ସମସ୍ତ ଦୋକାନ ବଜାର, ସ୍କୁଲ କଲେଜ, ବ୍ୟାଙ୍କ, ସରକାରୀ



ବେସରକାରୀ କାର୍ଯ୍ୟାଳୟ ବନ୍ଦ ରହିଥିଲା। ବାମରା ନାଗରିକ କମିଟି ଓ ବାମରା ମାର୍ଚ୍ଚେଣ୍ଟ ଏସୋସିଏସନ ନେତୃତ୍ୱରେ ଆୟୋଜିତ ବନ୍ଦରେ କୁଚିଣ୍ଡା ବିଧାୟକ କିଶୋର ଚନ୍ଦ୍ର ନାଏକ, ପୂର୍ବ ବିଧାୟକ ରବି ନାରାୟଣ ନାଏକ, ରାଜେନ୍ଦ୍ର ଛତ୍ରିଆ, ଜିଲ୍ଲା ପରିଷଦ ସଭାପତି କୁମୁଦିନୀ ନାୟକ, ବ୍ଲକ ଅଧ୍ୟକ୍ଷା ପିଙ୍କି ଧୁରୁଆ, ଜିଲ୍ଲା ପରିଷଦ ସଭ୍ୟ କୃଷ୍ଣଚନ୍ଦ୍ର ଟପ୍ପୋ, ସରପଞ୍ଚ ବିମଲ ଲାକ୍ରା, ସମିତି ସଭ୍ୟ ଅଜୟ ସେଠ, ପୂର୍ବ ବ୍ଲକ ଅଧ୍ୟକ୍ଷ ପ୍ରଦୀପ କୁମାର ମିଶ୍ର, ଓକିଲ ସଂଘ ସଭାପତି ସୁଶାନ୍ତ ମାଝି ଓ ଧର୍ମେନ୍ଦ୍ର ବର୍ମା, ସାମ୍ବାଦିକ ସନ୍ତୋଷ ଶୁକ୍ଲା, ଚାଷୀ ନେତା କୁମାର ଚନ୍ଦ୍ର ପଟେଲ ପ୍ରମୁଖ ଯୋଗଦେଇ ସ୍ଥାନୀୟ ପ୍ରଶାସନିକ ଅଧିକାରୀଙ୍କ ଇଚ୍ଛାଶକ୍ତିର ଅଭାବ ଯୋଗୁଁ ଦାବି ପୂରଣରେ ଅସୁବିଧା ହେଉଥିବା ଅଭିଯୋଗ କରିଥିଲେ। ନାଗରିକ କମିଟି ସଭାପତି ଦୁର୍ଗା ପ୍ରସାଦ ମିଶ୍ର, ସଂପାଦକ ଜ୍ୟୋତି କୁମାର ଲାଠ, ବ୍ୟବସାୟୀ ସଂଘ ସଭାପତି ମନୋଜ ଚୌଧୁରୀ, ଶ୍ରବଣ ଚୌଧୁରୀ, ମନୋଜ ରାଜ, ବର୍ଷାତ ପ୍ରଧାନ, ରାଜୀବ ଚୌଧୁରୀ, ଗୋପାଳ ଅଗ୍ରୱାଲ, ଦିଲିପ ଅଗ୍ରୱାଲ ଏହାର ନେତୃତ୍ୱ ନେଇଥିଲେ। ଅପରାହ୍ନ ପ୍ରାୟ ୩ ଟାରେ ବାମରା ଅତିରିକ୍ତ ତହସିଲଦାର ସୁଜୟ କୁମାର ପଣ୍ଡାଙ୍କୁ ଦାବିପତ୍ର ପ୍ରଦାନ କରାଯାଇଥିଲା। ପରେ ବାମରା ରେଲୱେ ଷ୍ଟେସନ ମ୍ୟାନେଜରଙ୍କ ଜରିଆରେ ପ୍ରଧାନମନ୍ତ୍ରୀ ଓ ରେଳମନ୍ତ୍ରୀଙ୍କୁ ମଧ୍ୟ ଦାବିପତ୍ର ପ୍ରଦାନ କରାଯାଇଥିଲା। ରେଳ କ୍ରିୟାନୁଷ୍ଠାନ କମିଟିର ସମ୍ପାଦକ କ୍ଷୀରୋଦ କୁମାର ସା ସଭା ସଞ୍ଚାଳନ କରିଥିଲେ। ଦାବି ପୂରଣ ନହେଲେ ଆଗାମୀ ନିର୍ବାଚନକୁ ବର୍ଜନ କରିବା ସହ ଦଳୀୟ ନେତାଙ୍କୁ ପ୍ରତ୍ୟାଖ୍ୟାନ କରିବା ପାଇଁ ନିଷ୍ପତ୍ତି ନିଆଯାଇଛି।

## ଗଞ୍ଜେଇ ଚାଲାଣ ମାମଲାରେ ଅଭିଯୁକ୍ତ ନିର୍ଦ୍ଦୋଷରେ ଖଲାସ

**ସମ୍ବଲପୁର, ୨୮ ।୨(ସମିସ):** ସମ୍ବଲପୁର ଅବକାରୀ ବିଭାଗର ଅଧିକାରୀ ମାନେ ଶାସନ ଟୋଲଗେଟ୍ ନିକଟରେ ଏକ ହୋଣ୍ଡାସିଟି କାର୍‌କୁ ଅଟକାଇ ଯାଞ୍ଚ କରିବାରେ ସେଥିରୁ ୮୦ କିଲୋ ଗଞ୍ଜେଇ ଜବତ ହୋଇଥିଲା। ଏହି ଘଟଣାରେ ୩ ଜଣ ଅଭିଯୁକ୍ତ ଦିଲ୍ଲୀର ଧର୍ମେନ୍ଦ୍ର ସିସୋଦିଆ, ସୁମିତ କୁମାର ଓ ନିରୋଜ ସିଂକୁ ଗିରଫ୍ କରି ଏନ୍.ଡି.ପି.ଏସ ଆକ୍ଟ ଅନୁଯାୟୀ କୋର୍ଟ ଚାଲାଣ କରାଯାଇ ଥିଲା। ଏହି ମାମଲାର ଆଜି ରାୟ ପ୍ରକାଶ ପାଇଛି। ଏଥିରେ ୪ ଜଣଙ୍କ ସାକ୍ଷ୍ୟ ଗ୍ରହଣ ପରେ ଅତିରିକ୍ତ ଜିଲ୍ଲା ଜଜ୍ ବିଶ୍ୱରଞ୍ଜନ ବେହେରା ପ୍ରମାଣ ଅଭାବରୁ ଅଭିଯୁକ୍ତ ମାନଙ୍କୁ ନିର୍ଦ୍ଦୋଷରେ ଖଲାସ କରିଛନ୍ତି। ଅଭିଯୁକ୍ତ ମାନଙ୍କ ପକ୍ଷରୁ ଆଇନଜୀବୀ ପ୍ରଦ୍ୟୋତ୍ କୁମାର ଶର୍ମା ଏହି ମାମଲା ପରିଚାଳନା କରୁଥିଲେ।

## ବକେୟା ବିଦ୍ୟୁତ୍ ବିଲ୍ ସମାଧାନ ଅଭିଯୋଗ ଶୁଣାଣି



**ଜମନକିରା, ୨୮ ।୨(ସମିସ):** ଜମନକିରା ବିଦ୍ୟୁତ୍ ସେକ୍ସନ କାର୍ଯ୍ୟାଳୟରେ ବକେୟା ବିଦ୍ୟୁତ୍ ବିଲ୍ ସମାଧାନ ପାଇଁ ଅଭିଯୋଗ ଶୁଣାଣି ହୋଇଥିଲା। ଝାରସୁଗୁଡା ଡିଭିଜନ ଅନ୍ତର୍ଗତ ଜମନକିରା ସେକ୍ସନ ଅଫିସ ଠାରେ ଟାଟା ପାୱାର ୱେଷ୍ଟର୍ଣ୍ଣ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ୍ ଲିମିଟେଡ (ଟିପିଡ଼ବ୍ଲୁଓଡିଏଲ) ପକ୍ଷରୁ ଜମନକିରା ସେକ୍ସନ ଅଫିସ୍ ଠାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସର୍ବମୋଟ ୯୭ ଗୋଟି ବାକି ଥିବା ବିବାଦୀୟ ବିଦ୍ୟୁତ୍ ବିଲ କୁ ନେଇ ଅଭିଯୋଗ ପଞ୍ଜୀକୃତ ହୋଇଥିବା ବେଳେ ୩୮ ଗୋଟି ଅଭିଯୋଗ ଜିଆରଏଫଙ୍କ ଦ୍ୱାରା ଯଥାଶୀଘ୍ର ସମାଧାନ କରାଯିବ ବୋଲି କୁହାଯାଇଥିଲା। ବାକିଥିବା ଅନ୍ୟ ୫୯ ଗୋଟି ଅଭିଯୋଗ ସବ୍‌ଡିଭିଜନ ସ୍ତରରେ ସମାଧାନ କରାଯିବ ବୋଲି ଅଧିକାରୀମାନେ କହିଥିଲେ। ଏହି କାର୍ଯ୍ୟକ୍ରମରେ ବୁର୍ଲା ଜିଆର୍‌ଏଫ୍ ସଭାପତି ଆଲୋକ କୁମାର ଶତପଥି ସହ ଅନ୍ୟ ଏଲ୍‌ଏମ୍ କର୍ମଚାରୀ ଉପସ୍ଥିତ ଥିବାବେଳେ କୁଚିଣ୍ଡା ଏସ୍‌ଡିଓ ସୁବ୍ରତ କୁମାର ପଣ୍ଡା, ଜମନକିରା ବିଦ୍ୟୁତ୍ ସେକ୍ସନ ଅଧିକାରୀ ବ୍ରହ୍ମାନନ୍ଦ ସାହୁ, ରାଜେଶ କୁମାର ଗୌଡ଼, ଚନ୍ଦ୍ରକାନ୍ତ ମଗର ପ୍ରମୁଖ ଉପସ୍ଥିତ ଥିଲେ।

## ଜାତୀୟ ବିଜ୍ଞାନ ଦିବସ ଓ ବୀର ସୁରେନ୍ଦ୍ର ସାଏଙ୍କ ଶ୍ରାଦ୍ଧ ଦିବସ

**ରେଙ୍ଗାଲି, ୨୮ ।୨(ସମିସ):** ସମ୍ବଲପୁର ଜିଲ୍ଲା ବିପ୍ଳବୀ ବୀର ସୁରେନ୍ଦ୍ର ଉଚ୍ଚବିଦ୍ୟାଳୟ ଖିଣ୍ଡାଠାରେ ଜାତୀୟ ବିଜ୍ଞାନ ଦିବସ ଓ ବୀର ସୁରେନ୍ଦ୍ର ସାଏଙ୍କ ଶ୍ରାଦ୍ଧ ଦିବସ ପାଳିତ ହୋଇଛି। ଛାତ୍ରଛାତ୍ରୀଙ୍କୁ ସୁରେନ୍ଦ୍ର ସାଏଙ୍କ ଅନ୍ତିମ ଜୀବନ ସମ୍ପର୍କରେ ପ୍ରଧାନ ଶିକ୍ଷକ ଡ଼. ଗୌରିଦାସ ପଧାନ ସୂଚନା ଦେଇଥିଲେ। ଛାତ୍ରୀମାନଙ୍କ ଦ୍ୱାରା 'ଖିଣ୍ଡା ମାଟିରୁ କାହିଁ କେତେ ଦୂର ଦୁର୍ଗ ଅସୁର ଗଡ଼' ଆବୃତ୍ତି କରାଯାଇଥିଲା। ଏହାପରେ ଜାତୀୟ ବିଜ୍ଞାନ ଦିବସ ଉପଲକ୍ଷ୍ୟେ ଏକ 'ବିଜ୍ଞାନ କୁଇଜ୍' ଆୟୋଜନ କରାଯାଇଥିଲା। କୁଇଜ କାର୍ଯକ୍ରମକୁ ସ୍ୱେଚ୍ଛାସେବୀ ଶିକ୍ଷକ ଉଦୟ ସାହୁ ଏବଂ ପ୍ରତ୍ୟାଶା ପାଣିଗ୍ରାହୀ ପରିଚାଳନା କରିଥିଲେ। ଏହି କାର୍ଯକ୍ରମରେ ରିମଝିମ୍ ଦୀପ ପ୍ରଥମ, ରେଶମା ବସରା ଦ୍ୱିତୀୟ, ସ୍ୱାଗତିକା ସାଉଁତ ତୃତୀୟ ସ୍ଥାନ ଅଧିକାର କରିଥିଲେ। କୃତି ପ୍ରତିଯୋଗୀଙ୍କୁ ପ୍ରଧାନ ଶିକ୍ଷକ ପୁରସ୍କୃତ କରିଥିଲେ।

## ଓଡ଼ିଶା ଆଦର୍ଶ ବିଦ୍ୟାଳୟରେ ଜାତୀୟ ବିଜ୍ଞାନ ଦିବସ

**ରେଙ୍ଗାଲି, ୨୮ ।୨(ସମିସ):** ରେଙ୍ଗାଲି ଓଡ଼ିଶା ଆଦର୍ଶ ବିଦ୍ୟାଳୟରେ ଅଧ୍ୟକ୍ଷ ରମଣୀକାନ୍ତ ସାହୁଙ୍କ ସଭାପତିତ୍ୱରେ ଜାତୀୟ ବିଜ୍ଞାନ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ମୁଖ୍ୟ ଅତିଥି ଭାବେ ହିଣ୍ଡାଲକୋ ଇଣ୍ଡଷ୍ଟ୍ରିଜ୍ ଲିମିଟେଡର ବରିଷ୍ଠ ଯନ୍ତ୍ରୀ ଆଶିଷ ମହାନ ଯୋଗଦାନ କରିଥିଲେ। ଅଧ୍ୟକ୍ଷ ଶ୍ରୀ ସାହୁ ଜାତୀୟ ବିଜ୍ଞାନ ଦିବସର ମହତ୍ତ୍ୱ ଉପରେ ବୁଝାଇଥିଲେ। ଶିକ୍ଷକ ନାରାୟଣ ପଟେଲ ବିଜ୍ଞାନ, ବୈଜ୍ଞାନିକ ଏବଂ ଛାତ୍ରଛାତ୍ରୀଙ୍କ ଉପରେ ନିଜର ବକ୍ତବ୍ୟ ପ୍ରଦାନ କରିଥିଲେ। ଛାତ୍ରୀ ପ୍ରୀୟଂଶୀ, ସ୍ୱୟଂଶ୍ରୀ ଜେନା, ସ୍ନେହାସିନି ଦାସ ଏବଂ ଟ୍ୱିଙ୍କିଲ ପଧାନ ମଧ୍ୟ ତାଙ୍କର ବକ୍ତବ୍ୟ ଉପସ୍ଥାପନ କରିଥିଲେ। ଏହି ଦିବସ ଉପଲକ୍ଷେ ବିଦ୍ୟାଳୟରେ ହୋଇଥିବା ବିଭିନ୍ନ ପ୍ରତିଯୋଗିତାର ବିଜୟୀ ଛାତ୍ରଛାତ୍ରୀ ମାନଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମକୁ ବିଦ୍ୟାଳୟର ଛାତ୍ରୀ ଏସ୍ ଭଟ୍ଟାଚାର୍ଯ୍ୟ ପରିଚାଳନା କରିଥିବା ବେଳେ ଛାତ୍ରୀ ଆଦ୍ୟାସା ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ।



## ମିଲେଟ୍ ଚାଷ ସଚେତନତା ଶିବିର

**ରେଙ୍ଗାଲି, ୨୮ ।୨(ସମିସ):** ସମ୍ବଲପୁର ଜିଲ୍ଲା ରେଙ୍ଗାଲି ବ୍ଲକ କତରବଗା ପଞ୍ଚାୟତରେ ମିଲେଟ୍ ଚାଷ ଉପରେ ଏକ ସଚେତନତା ଶିବିର ଅନୁଷ୍ଠିତ ହୋଇଥିଲା। ଗ୍ରାମ୍ୟ ସ୍ୱରାଜ ବିକାଶ ସମିତି ପକ୍ଷରୁ ଅନୁଷ୍ଠିତ ଏହି ଶିବିରରେ କତରବଗା ପଞ୍ଚାୟତ ତଥା ଆଖପାଖ ଅଞ୍ଚଳର ୩୦ ରୁ ଊର୍ଦ୍ଧ୍ୱ କ୍ଷୁଦ୍ର ଚାଷୀ ଯୋଗ ଦେଇଥିଲେ। ମାନେଶ୍ୱର ବ୍ଲକର ଡାକ୍ତର ବାଗ ମିଲେଟ୍ ଚାଷ ଉପରେ ଚାଷୀଙ୍କୁ ତାଲିମ ପ୍ରଦାନ କରିଥିଲେ। ଏହି ଅବସରରେ ଚାଷୀ ମାନଙ୍କୁ ମିଲେଟ୍ ମଞ୍ଜି ଓ ଉପକରଣ ପ୍ରଦାନ କରାଯାଇଥିଲା। ଗ୍ରାମ୍ୟ ସ୍ୱରାଜ ବିକାଶ ସମିତିର ସଂପାଦକ ପ୍ରଭାତୀ ବାରିକ ସମସ୍ତ କାର୍ଯକ୍ରମ ପରିଚାଳନା କରିଥିଲେ।



ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ତଥା କ୍ରାନ୍ତିବୀର ସୁରେନ୍ଦ୍ର ସାଏଙ୍କ ତିରୋଧାନ ଦିବସରେ ତାଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରି ଶ୍ରଦ୍ଧାଞ୍ଜଳି ଜଣାଇଛନ୍ତି। ଦେଶର ସ୍ୱାଧୀନତା ଏବଂ ସୁରକ୍ଷା ପାଇଁ ବୀର ସୁରେନ୍ଦ୍ର ସାଏଙ୍କ ତ୍ୟାଗ ଓ ବଳିଦାନକୁ ମୁଖ୍ୟମନ୍ତ୍ରୀ ଏହି ଅବସରରେ ସ୍ମରଣ କରିଛନ୍ତି।

# ଏଡ୍‌ସ ରୋଗୀ ବୋଲି ମହିଳାଙ୍କ ମୃତଦେହ ଗାଁରେ ପୂରାଇ ଦେଲେନାହିଁ

**ସମ୍ବଲପୁର, ୨୮ ।୨(ସମିସ)**

ଏଡସ୍ ରୋଗୀ ବୋଲି ଶବ ଆଣିବାକୁ ମନାକଲେ ଗାଁ ଲୋକ। ଅନ୍ଧବିଶ୍ୱାସର ବଶବର୍ତ୍ତି ହୋଇ ଶବ ଗାଁରେ ପୂରାଇ ଦିଆଯିବ ନାହିଁ ବୋଲି ମୃତକଙ୍କ ପରିବାରକୁ ରୋକ୍‌ଠୋକ୍ ମନା କରିଥିଲେ। ତେଣୁ ବୁର୍ଲା ଭିମସାରରେ

## ଅନ୍ତିମ ସଂସ୍କାର କଲେ ସ୍ୱେଚ୍ଛାସେବୀ

ପ୍ରାଣ ହରାଇଥିବା ଜଣେ ମହିଳାଙ୍କ ଶବକୁ ଅନ୍ତିମ ସଂସ୍କାର କରିଥିଲା ସମ୍ବଲପୁରର ସାମାଜିକ ଅନୁଷ୍ଠାନ ସ୍ୱାଭିମାନର ଓ ସାଇ ବାବା ଏସ୍‌ଏଚ୍‌ଜିର ସଦସ୍ୟ ମାନେ। ପରିବାରର ଉପସ୍ଥିତିରେ ସଙ୍ଗଠନ ସଦସ୍ୟ ମାନେ ବୁର୍ଲାରୁ ଶବ ହସ୍ତାନ୍ତର କରି ଆଜି ସମ୍ବଲପୁର ରାଜଘାଟରେ ଅନ୍ତିମ ସଂସ୍କାର କରିଛନ୍ତି। ଦେବଗଡ଼ ଜିଲ୍ଲାର ଜଣେ ମହିଳା ଗତ ୧୦ ଦିନ ତଳେ ବୁର୍ଲା ଭିମାସାରରେ ଭର୍ତ୍ତି ହୋଇଥିଲେ। ହେଲେ ଆଜି ତାଙ୍କର ମୃତ୍ୟୁ ହୋଇଥିଲା। ୫ ବର୍ଷ ପୂର୍ବରୁ ସ୍ୱାମୀକୁ ହାରାଇଥିବା ଏହି ମହିଳାଙ୍କ ୧୯ ବର୍ଷର ଝିଅ ଓ ୧୦ ବର୍ଷର ପୁଅକୁ ଛାଡି ଅନ୍ୟ କେହି ନ ଥିଲେ। ତେଣୁ ଘରକୁ ନେବାକୁ ସାହି ପଡ଼ିଶା ଲୋକଙ୍କୁ କହିଥିଲେ। ହେଲେ ମହିଳା ଜଣକ ଏଡ୍‌ସ ଆକ୍ରାନ୍ତ ଥିବାରୁ ଶବ ଘରକୁ ଆଣିବାକୁ ଗାଁ ଲୋକ ମନା କରିଥିଲେ। ଗାଁ ଲୋକ ଅନ୍ତିମ ସଂସ୍କାର କରିବେ ନାହିଁ ବୋଲି ସ୍ପଷ୍ଟ କହିଦେଇ ଥିଲେ। ପୂର୍ବରୁ ତାଙ୍କ ସ୍ୱାମୀ ମଧ୍ୟ ଏଡ୍‌ସ ରୋଗରେ ପ୍ରାଣ ହରାଇଥିଲେ। ବାହାର ରାଜ୍ୟରେ ରହୁଥିବା ମୃତ ମହିଳାଙ୍କ ଭାଇ ସ୍ୱାଭିମାନ ସଙ୍ଗଠନକୁ ଯୋଗଯୋଗ କରି ଶବ ସତ୍କାର କରିବାକୁ ଅନୁରୋଧ କହିଥିଲେ। ଫଳରେ ସ୍ୱାଭିମାନ ସଙ୍ଗଠନ ଓ ସାଇ ବାବା ଏସ୍‌ଏଚ୍‌ଜି ସଦସ୍ୟ ବୁର୍ଲାରୁ ଶବ ଆଣି ସମ୍ବଲପୁରରେ ଅନ୍ତିମ ସଂସ୍କାର କରିଛନ୍ତି। ମୃତ ମହିଳାଙ୍କ ମା'ଙ୍କ ଉପସ୍ଥିତିରେ ତାଙ୍କ ଝିଅ ମୁଖାଗ୍ନି ଦେଇଥିଲେ। ସ୍ୱାଭିମାନ ସଙ୍ଗଠନ ସଦସ୍ୟ ସତ୍ୟବାନ ବାଘ, କୁନ୍ଦନ ପ୍ରଧାନ, ଅଭିଷେକ ପ୍ରଧାନ, ରାଜେନ୍ଦ୍ର ଦାସ, ତନ୍ମୟ ନାୟକ, ଶିଶିର ବହିଦାର, ସଞ୍ଜୀବ କଂସାରି, ଅପୂର୍ବ ନାୟକ, ଆକାଶ ସାହୁ, ଉପେନ୍ଦ୍ର ରାଉତ, ସମୀର ହୋତା, ଦେବନ୍ତ ବେହେରା, ବିକି ଗଣ୍ଡ ଓ ସାଇ ବାବା ଏସଏଚଜି ସଦସ୍ୟ ମିନୁ ନାୟକ, ପଙ୍କଜିନି ସାହୁ, ବାସନ୍ତୀ କାଠ ପ୍ରମୁଖ ଏଥିରେ ସହଯୋଗ କରିଥିଲେ।



### ବେଦାନ୍ତ ଆଲୁମିନିୟମର ଜୀବିକା ସମୃଦ୍ଧି ପ୍ରକଳ୍ପ

# ସ୍ମାର୍ଟ କୃଷି ଉଦ୍ୟୋଗୀଙ୍କୁ ମିଳୁଛି ପ୍ରୋତ୍ସାହନ

ଝାରସୁଗୁଡ଼ା, ୨୮।୨ (ସମିସ)

ଝାରସୁଗୁଡ଼ାରେ ଜୀବିକା ସମୃଦ୍ଧି ପ୍ରକଳ୍ପ ବେଦାନ୍ତ ଆଲୁମିନିୟମର ଏକ କୃଷିଭିତ୍ତିକ ସ୍ଥାୟୀ ଜୀବିକା ନିର୍ବାହ ପଦକ୍ଷେପ ଅଂଚଳର ଚାଷୀମାନଙ୍କୁ ସ୍ମାର୍ଟ ଉଦ୍ୟୋଗୀ ଭାବେ ପରିଣତ କରି କୃଷିର ସ୍ଥାୟୀ ତଥା ଅଭିନବ ପଦ୍ଧତି ପ୍ରଚଳନ କରିଛି। ଜୀବିକା ସମୃଦ୍ଧି ପ୍ରକଳ୍ପର ଚିନ୍ତାଧାରା ସୁଦୂର ପ୍ରସାରୀ। ଜଳବାୟୁ ସ୍ମାର୍ଟ କୃଷି ଅଭ୍ୟାସ ଓ ସହଯୋଗି ହସ୍ତକ୍ଷେପ ଦ୍ୱାରା ପ୍ରାରମ୍ଭିକ ପର୍ଯ୍ୟାୟରେ ୪୦୦ରୁ ଅଧିକ ଚାଷୀଙ୍କ ଜୀବନରେ ପରିବର୍ତ୍ତନ ଆସିଛି। ବର୍ତମାନ ତୃତୀୟ ପର୍ଯ୍ୟାୟରେ ଜିଲ୍ଲାରେ ପରମାଣପୁର, କୁମୁଡ଼ାପାଲୀ ଓ ଦଲକି ଗାଁରେ ଆଉ ୫୦୦ ପରିବାରକୁ ସଶକ୍ତ କରିବା ଲକ୍ଷ୍ୟ ରଖିଛି।

ଗ୍ରାମୀଣ କୃଷକମାନଙ୍କ ପାଇଁ କୃଷି କ୍ଷେତ୍ରରେ ଦେଖାଦେଉଥିବା ସବୁ ପ୍ରକାର ଆହ୍ୱାନର ମୁକାବିଲା ପାଇଁ ପ୍ରସ୍ତୁତି ସହ ଅନୁର୍ବର ଜମିକୁ ଉର୍ବର କରିବା ଓ ସ୍ଥିର ଫସଲ ଅମଳକୁ ନିଶ୍ଚିତ କରିବା ପାଇଁ ମାର୍ଗଦର୍ଶନ ଦିଆଯାଉଛି। ଜୈବ କୃଷି ଉପରେ ଧ୍ୟାନ ଦେଇ ଭର୍ମି କଂପୋଷ୍ଟ ବ୍ୟାଙ୍କ ସ୍ଥାପନ ଓ ମାଟିର ଉର୍ବରତା ବୃଦ୍ଧି ପାଇଁ ବାୟୋ ଖତ ଭଳି ଅଭ୍ୟାସ ଉପରେ ଚାଷୀଙ୍କୁ ପରାମର୍ଶ ଦିଆଯାଉଛି। ଅଧିକନ୍ତୁ ଏହି କାର୍ଯ୍ୟ କୃଷି ପ୍ରକଳ୍ପକୁ ଉତ୍ସାହିତ କରୁଛି। ମାଛ ଚାଷକୁ ପାରଂପାରିକ କୃଷି ସହ ଏକୀକୃତ କରି କୃଷକମାନେ ନୂଆ ବଜାର ସୃଷ୍ଟି କରିପାରୁଛନ୍ତି। ଏହା ବ୍ୟତୀତ ବିଶେଷଜ୍ଞଙ୍କ ଉପଯୁକ୍ତ ତାଲିମ ଓ ଏକ୍ସପୋଜର ପରିଦର୍ଶନ କୃଷକମାନଙ୍କୁ ସ୍ମାର୍ଟ ଜଳବାୟୁ ସଂପର୍କରେ କୃଷି ଅଭ୍ୟାସ ଜରୀଆରେ ସଶକ୍ତ କରୁଛି। କେବଳ କୃଷି ଉତ୍ପାଦନ ନୁହେଁ ବରଂ ଗାଁରେ ଚାଷୀମାନଙ୍କ ପାଇଁ ପରିବେଶ ସ୍ଥିରତା ଓ ଅର୍ଥନୈତିକ ସମୃଦ୍ଧି ଆଣିବାରେ ସାହାଯ୍ୟ କରୁଛି। ଜୀବିକା ସମୃଦ୍ଧିର ଅଂଶ ସ୍ୱରୂପ କୃଷକମାନେ ବର୍ଷ ବର୍ଷ ଧରି ଚାଷ କାମରେ ନିୟୋଜିତ ରହି ଜଳସେଚନ ସୁବିଧା ଯୋଗୁଁ ବର୍ଷା ଉପରେ ନିର୍ଭର ନକରି ବିଭିନ୍ନ ଫସଲ ଉତ୍ପାଦନ କରୁଛନ୍ତି। ଧାନ ଚାଷ ଓ ନଗଦ ଫସଲ ପଦ୍ଧତି ଯୋଗୁଁ ଉତ୍ପାଦନ ବୃଦ୍ଧି ହୋଇଛି କୃଷକଙ୍କ ମାସିକ ଆୟ ବଢ଼ିଛି।



ଏହି ପ୍ରକଳ୍ପ ସହ ଜଡ଼ିତ କୃଷି ବିଭାଗର ସହକାରୀ ନିର୍ଦ୍ଦେଶକ ମନୋରଂଜନ ନନ୍ଦ କହିଛନ୍ତି ଯେ ଜୀବିକା ସମୃଦ୍ଧି ଯୋଜନା ଦ୍ୱାରା ବହୁ ସଂଖ୍ୟକ ଚାଷୀ ଉନ୍ନତ ଚାଷ ପ୍ରଣାଳୀ ଓ ଜଳର ଉତମ ଉପଯୋଗ କରି ଲାଭବାନ ହୋଇ ପାରୁଛନ୍ତି। ମୁଁ ଆଶା କରୁଛି ଏହି ଅଭ୍ୟାସ ଦ୍ୱାରା ସେମାନେ ଭବିଷ୍ୟତରେ ନିଜର ସମୃଦ୍ଧି କରିପାରିବେ। ଜୀବିକା ସମୃଦ୍ଧି ପଦକ୍ଷେପ ବେଦାନ୍ତ ଆଲୁମିନିୟମର ଏକ ଭବିଷ୍ୟତ ଅଭିମୁଖୀ ପଦକ୍ଷେପ ଏହା କେବଳ ଜୀବନ ଓ ଦୃଶ୍ୟପଟକୁ ପରିବର୍ତନ କରେ ନାହିଁ ବରଂ ଏହି ପ୍ରକଳ୍ପର ପ୍ରଭାବ କୃଷିଠାରୁ ଅଧିକ ସମୃଦ୍ଧି ଆଣିବାରେ ସହାୟକ ହୋଇଛି।

## ବ୍ରଜରାଜନଗର କଲେଜ ଗେଟ୍ ନିର୍ମାଣ ପାଇଁ ପଡ଼ିଲା ଭିତ୍ତିପ୍ରସ୍ତର

ବ୍ରଜରାଜନଗର, ୨୮।୨ (ସମିସ): ବ୍ରଜରାଜନଗର ପୌର ପରିଷଦ ଅନ୍ତର୍ଗତ ବ୍ରଜରାଜନଗର ମହାବିଦ୍ୟାଳୟର କଲେଜ ଗେଟ ନିର୍ମାଣ ପାଇଁ ପାଞ୍ଚ ଲକ୍ଷ ଅଟକଳ ରାଶିର ଶୁଭ ଭିତ୍ତିପ୍ରସ୍ତର ସ୍ଥାପନ ହୋଇଯାଇଛି। ଏହି ଅବସରରେ ବ୍ରଜରାଜନଗର ବିଧାୟିକା ଅଲକା ମହାନ୍ତି ମୁଖ୍ୟଅତିଥି ଭାବରେ ଯୋଗଦେଇଥିବା ବେଳେ ବ୍ରଜରାଜନଗର ପୌରଧ୍ୟକ୍ଷା ଯଜ୍ଞସେନି ଓରାମ, ଅଧ୍ୟାପକ ସମୀର ରଞ୍ଜନ ନାଏକ, କାଉନସିଲର ମଧୁ ଶ୍ରୀବାସ୍ତବ, ଟାଉନ ସଭାପତି ରାଧାକାନ୍ତ ପ୍ରଧାନ, ଯୁବ ସଭାପତି ମନୋଜ ହରିଜନ, ଛାତ୍ର ସଭାପତି ଲଳିତ ତନ୍ତି, ଆନନ୍ଦ ବେହେରା, ଦିବାକର ପଟ୍ଟନାୟକ, ଜିତେନ୍ଦ୍ର ସାହୁଙ୍କ ସହିତ ଅଧ୍ୟାପକ ଅଧ୍ୟାପିକା, ଛାତ୍ରଛାତ୍ରୀ ଏବଂ ଅନେକ ଦଳୀୟ ପଦାଧିକାରୀ ଉପସ୍ଥିତ ଥିଲେ।



### ■ ଭୁବନେଶ୍ୱରକୁ ଝାରସୁଗୁଡା ଜିଲ୍ଲା ହକି ଦଳର ଯାତ୍ରା

## ପ୍ରଥମ ଆଇକନିକ୍ ହକି ପ୍ରତିଯୋଗିତାରେ ଭାଗନେବ



ଝାରସୁଗୁଡା,୨୮ ।୨(ସମିସ): ଝାରସୁଗୁଡା ଜିଲ୍ଲା ସିନିଅର ହକି ଦଳ ଟ୍ରେନ ଯୋଗେ ଭୁବନେଶ୍ୱର ଯାତ୍ରା କରିଛନ୍ତି। ଭୁବନେଶ୍ୱର କଳିଙ୍ଗ ଷ୍ଟାଡିଅମରେ ପ୍ରଥମ ଥର ଆଇକନିକ୍ ହକି ପ୍ରତିଯୋଗିତା ହେବାକୁ ଯାଉଛି। ଏହି ପ୍ରତିଯୋଗିତାରେ ଓଡିଶାର ବରିଷ୍ଠ ୮ଟି ରାଉରକେଲା ଷ୍ଟିଲ ପ୍ଲାଣ୍ଟ, ଓଡିଶା ପୋଲିସ, ସାଇ ସ୍ପୋର୍ଟ୍ସ ହଷ୍ଟେଲ ରାଉରକେଲା, ପାରାଦ୍ୱୀପ ପୋର୍ଟ, ଦକ୍ଷିଣ ପୂର୍ବ ରେଲୱେ, ଟାଟା ଏକାଡେମୀ ଓ ଝାରସୁଗୁଡାର ସର୍ବଶ୍ରେଷ୍ଠ ଦଳ ଅଂଶଗ୍ରହଣ କରୁଛନ୍ତି। ଝାରସୁଗୁଡ଼ା ଦଳରେ ଝାରସୁଗୁଡା ଇଂଜିନିୟରିଙ୍ଗ ସ୍କୁଲ, ପିକେଏସଏସ କଲେଜ, ହଁ. କଟାପାଲି, ଲାଇକେରା ଓ ଝାରସୁଗୁଡା ଏୟାରପୋର୍ଟର ଦକ୍ଷ ଖେଳାଳିମାନେ ରହିଛନ୍ତି। ଝାରସୁଗୁଡା ଜିଲ୍ଲା ଓଡିଶାରେ ୮ଟି ଦଳ ମଧ୍ୟରେ ରହିପାରିଥିବାରୁ ଝାରସୁଗୁଡା ଜିଲ୍ଲପାଳ ଅବୋଲି ସୁନୀଲ ନରୱାନେ, ଝାରସୁଗୁଡା ଜିଲ୍ଲା ହକି ସଂଘର ସମ୍ପାଦକ, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ପ୍ରବୀର ନାୟକ, ଝାରସୁଗୁଡା ଜିଲ୍ଲା କ୍ରୀଡା ଅଧିକାରୀ ବିଶ୍ୱକେଶନ ପାଣ୍ଡେ, ସୁଶୀଲ ମିଶ୍ର ଏବଂ ଓଡିଶା ହକି ଆସୋସିଏସନର ଉପସଭାପତି ଜୀବନ ମହାନ୍ତି ଦଳକୁ ଶୁଭେଚ୍ଛା ଜଣାଇଛନ୍ତି। ଦଳପତି ଭାବେ ସଞ୍ଜୟ ଖାଲକୋ ରହିଥିବା ବେଳେ ଟିମ ମ୍ୟାନେଜର ଭାବେ ସୁଶାନ୍ତ ବେହେରା ରହିଛନ୍ତି।

## ବେଲପାହାଡ଼ରେ ଜିଲ୍ଲାସ୍ତରୀୟ ରାଷ୍ଟ୍ରୀୟ ବିଜ୍ଞାନ ଦିବସ ପାଳିତ

ଝାରସୁଗୁଡ଼ା,୨୮ ।୨(ସମିସ): ଝାରସୁଗୁଡ଼ା ଜିଲ୍ଲା ଶିକ୍ଷା ବିଭାଗ କାର୍ଯ୍ୟାଳୟ ଆନୁକୂଲ୍ୟରେ ବେଲପାହାଡ଼ ଗିରଧରଲାଲ୍ ସରକାରୀ ଉଚ୍ଚ ବିଦ୍ୟାଳୟରେ ଜିଲ୍ଲାସ୍ତରୀୟ ରାଷ୍ଟ୍ରୀୟ ବିଜ୍ଞାନ ଦିବସ ପାଳିତ ହୋଇଯାଇଛି। ଏଥିରେ ବିଦ୍ୟାଳୟର ପ୍ରଧାନଶିକ୍ଷକ ସଚୀନ୍ଦ୍ର ପଟେଲ ସଭାପତିତ୍ୱ କରିଥିବା ବେଳେ ବେଲପାହାଡ଼ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଗଣିତ ଅଧ୍ୟାପକ ସୌମେନ ପଟେଲ, ଜୀବବିଜ୍ଞାନ ଅଧ୍ୟାପକ ସୁଧାଂଶୁ ପାଲୋ, ରସାୟନ ବିଜ୍ଞାନ ଅଧ୍ୟାପିକା କଳ୍ପନା ସା, ମୋ ସ୍କୁଲ୍ କମିଟିର ସଭାପତି ତଥା ବିଶିଷ୍ଟ ସମାଜସେବୀ ଗୁଣନିଧି ପତି ଓ ବିଜ୍ଞାନଶିକ୍ଷୟିତ୍ରୀ ଗୀତାଞ୍ଜଳି ପ୍ରଧାନ ପ୍ରମୁଖ ଅତିଥି ରୂପେ ଯୋଗ ଦେଇଥିଲେ। ପ୍ରଧାନ ଶିକ୍ଷକ ଶ୍ରୀ ପଟେଲ ଭାରତର ନୋବେଲ୍ ପୁରସ୍କାର ବିଜେତା ମହାନ ବୈଜ୍ଞାନିକ ଚନ୍ଦ୍ରଶେଖର ଭେଙ୍କଟରମଣଙ୍କ ଜୀବନୀ ଓ ଉଦ୍ଭାବନ ବିଷୟରେ ଆଲୋକପାତ କରି ନିଜ ଭିତରେ ବୈଜ୍ଞାନିକ ଚିନ୍ତାଧାରା ସମନ୍ୱିତ କରିବା ସହିତ ଭବିଷ୍ୟତରେ ବୈଜ୍ଞାନିକ ହେବାର ଲକ୍ଷ୍ୟ ରଖିବାକୁ ଛାତ୍ରଛାତ୍ରୀଙ୍କୁ ଅଭିଭାଷଣ ପ୍ରଦାନ କରିଥିଲେ। ଏହି ଅବସରରେ ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ କୁଇଜ୍ ଓ ତର୍କ ପ୍ରତିଯୋଗିତା ଆୟୋଜନ କରାଯାଇଥିବା ବେଳେ ଏଥିରେ ବେଲପାହାଡ଼ ଗିରଧରଲାଲ୍ ସରକାରୀ ଉଚ୍ଚ ବିଦ୍ୟାଳୟ, ବିଆର୍ ଉଚ୍ଚ ବିଦ୍ୟାଳୟ, ଛୁଆଲିବେର୍ଣ୍ଣା ନରସିଂହ ଉଚ୍ଚ ବିଦ୍ୟାଳୟ ଆଦିର ଛାତ୍ରଛାତ୍ରୀମାନେ ଅଂଶଗ୍ରହଣ କରି ପୁରସ୍କୃତ ହୋଇଥିଲେ। ଗିରଧର ଲାଲ୍ ସରକାରୀ ଉଚ୍ଚ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଓ ବିଜ୍ଞାନ ଆଧାରିତ କ୍ଷୁଦ୍ର ନାଟକ ପ୍ରଦର୍ଶନ କରାଯାଇଥିଲା। ଶିକ୍ଷକ କୁଶ ସା ମଞ୍ଚ ପରିଚାଳନା କରିଥିବାବେଳେ ନିତ୍ୟାନନ୍ଦ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ। ପ୍ରଦୀପ ନାୟକ, ମହେଶ ପଧାନ, ଅଜିତ ଭୋଇ, ଭବାନୀଶଙ୍କର ବାରିକ, ଅରୁଣ ପାଢ଼ୀ, ସସ୍ମିତା କିଶାନ, ସୁଜାତା ସାହୁ, ସୌଦାମିନୀ ପସାୟତ, ପ୍ରମିଳା ପଧାନ, ହିମାଦ୍ରି ବାର୍ଲା ତଥା ବିଦ୍ୟାଳୟର ସମସ୍ତ ଶିକ୍ଷକ, ଶିକ୍ଷୟିତ୍ରୀ ସହଯୋଗ କରିଥିଲେ।




### ଭୁବନେଶ୍ୱରରେ ଗୋଁଣ୍ଡ ଭବନ ପାଇଁ ଧନ୍ୟବାଦ ଜଣାଇଲା ଗୋଁଣ୍ଡ ମହାସଭା

## ଭବନ ଶିଳାନ୍ୟାସ ପାଇଁ ସମ୍ପ୍ରଦାୟରେ ବଢ଼ୁଛି ଉତ୍ସାହ

ଝାରସୁଗୁଡା,୨୮।୨ (ସମିସ): ଅଖିଳ ଭାରତୀୟ ଗୋଁଣ୍ଡୱନା ଗୋଁଣ୍ଡ ମହାସଭା, ଓଡିଶା ପ୍ରଦେଶ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓ ୫-ଟି ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନଙ୍କୁ ନବୀନ ନିବାସରେ ଧନ୍ୟବାଦ ଜଣାଇଲା। ଭୁବନେଶ୍ୱରଠାରେ ଗୋଁଣ୍ଡ ଭବନ ଓ ଜଙ୍ଗାଲିଙ୍ଗା ମନ୍ଦିର ନିର୍ମାଣ ପାଇଁ ବିନା ମୂଲ୍ୟରେ ଚନ୍ଦ୍ରଶେଖରପୁରଠାରେ ଦେଇଥିବା ଅଧ ଏକର ଜମି ଉପରେ ବହୁ ଶୀଘ୍ର ଗୋଁଣ୍ଡ ଭବନର ଶିଳାନ୍ୟାସ ହେବ ବୋଲି ଶ୍ରୀ ପାଣ୍ଡିଆନ କହିଛନ୍ତି। ୨୦୧୫ରେ ଝାରସୁଗୁଡା ବିଟିଏମ ପଡିଆରେ ହୋଇଥିବା ଗୋଁଣ୍ଡ ମାନଙ୍କର ରାଷ୍ଟ୍ରୀୟ ମହା ଅଧିବେଶନରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଯୋଗ ଦେଇଥିଲେ। ସେହି ଦିନଠାରୁ ଭୁବନେଶ୍ୱରରେ ଗୋଁଣ୍ଡ ଭବନ ନିର୍ମାଣ ଦାବି ହୋଇଆସୁଥିଲା। ଏଥିପାଇଁ ଓଡିଶା ତଥା ଓଡିଶା ବାହାରେ ବସବାସ କରୁଥିବା ଗୋଁଣ୍ଡ ଭାଇ ଭଉଣୀ ମାନଙ୍କ ମଧ୍ୟରେ ଖୁସିର ଲହରୀ ଖେଳିଯାଇଛି। ଗୋଁଣ୍ଡ ଭବନ ଶିଳାନ୍ୟାସ ଦିନ ସମଗ୍ର ଓଡ଼ିଶା ତଥା ବାହାରୁ ହଜାର ହଜାର ସଂଖ୍ୟାରେ ଗୋଁଣ୍ଡ ଭାଇ ଭଉଣୀ ମାନେ ଯୋଗ ଦେବେ ବୋଲି ରାଜ୍ୟ ସଭାପତି ମହେନ୍ଦ୍ର ନାଏକ ଜଣାଇଛନ୍ତି। ଏହି ଅବସରରେ ସଂସଦ ତଥା ମହାସଭାର ମୁଖ୍ୟ ପୁରୋଧା ରମେଶଚନ୍ଦ୍ର ମାଝୀ, ରାଜ୍ୟ ମହାସଚିବ ପ୍ୟାରୀମୋହନ ନାୟକ, ରାଷ୍ଟ୍ରୀୟ ସଚିବ ହେମନ୍ତ ଧୁରୁଆ, ରାଜ୍ୟ ମହିଳା ଅଧ୍ୟକ୍ଷା ସୁକାନ୍ତୀବାଲା ନାୟକ, ଉପସଭାନେତ୍ରୀ ଦମୟନ୍ତି ମହାପାତ୍ର, ଡମ୍ବରୁଧର ନାଏକ, ଶ୍ୟାମସୁନ୍ଦର ଭୋଇ, ଚନ୍ଦ୍ରମୋହନ ନାୟକ, ବିରାଟ ଭୋଇ, ଭାଗରଥି ସିଂହ, କୁଳମଣି ସିଂହ, ମନୋରଞ୍ଜନ ନାଏକ, ଡ. ସୁରେଶ ଝାଙ୍କର, ମୁରାରୀ ଭୋଇ, ଗଙ୍ଗାଧର ଭୋଇ, ବାବୁଲାଲ ସିଂହ, ଦୀବାକର ନାୟକ, ଧନେଶ୍ୱର ସିଂହ, ମିନତୀ ସିଂହ, ଗୀତାଞ୍ଜଳି ଭୋଇ ଉପସ୍ଥିତ ଥିଲେ।



## ରାଜଶ୍ୟାମଳା ମନ୍ଦିର ପ୍ରାଣପ୍ରତିଷ୍ଠା ସମ୍ପନ୍ନ

ଝାରସୁଗୁଡ଼ା, ୨୮।୨(ସମିସ): ସୁନାରୀମୁଣ୍ଡାସ୍ଥିତ ବେଦାନ୍ତ ବାଇପାସ୍ ରାସ୍ତା, ଡିଏଭି ସ୍କୁଲ ପଛପଟେ ନବନିର୍ମିତ ଦେବୀ ରାଜଶ୍ୟାମଳା ମନ୍ଦିର ପ୍ରାଣପ୍ରତିଷ୍ଠା ହୋଇଛି। ବିଶାଲ ଦାସ ଏବଂ ତାଙ୍କ ଧର୍ମପତ୍ନୀ ଚାର୍ବି ଦାସ ମୁଖ୍ୟକର୍ତ୍ତା ହୋଇଥିବା ବେଳେ ଭଉଣୀ ତଥା ଝାରସୁଗୁଡ଼ା ବିଧାୟିକା ସୁଶ୍ରୀ ଦୀପାଳି ଦାସ ଓ ମାତା ମିନତୀ ଦାସଙ୍କ ଉପସ୍ଥିତିରେ ଏହି ମନ୍ଦିର ନିର୍ମାଣ ଓ ପ୍ରତିଷ୍ଠା ହୋଇଛି। ଦେବୀ ରାଜଶ୍ୟାମଳା ଭବ୍ୟ ପ୍ରାଣପ୍ରତିଷ୍ଠା ଓ ମନ୍ଦିର ଭବ୍ୟ ପ୍ରତିଷ୍ଠା ପାଇଁ ଶ୍ରୀ ବିଶାଖ ସାରଦାପୀଠାଧୀଶ୍ୱର ଶ୍ରୀ ଶ୍ରୀ ଶ୍ରୀ ସ୍ୱରୁପାନନ୍ଦେନ୍ଦ୍ର ସରସ୍ୱତୀ ମହା ସ୍ୱାମୀଜୀଙ୍କ କରକମଳରେ ହୋଇଛି। ସମୁଦାୟ ୧୧ ଜଣ ପଣ୍ଡିତ ଏହି ପ୍ରତିଷ୍ଠା ଉତ୍ସବକୁ ସମାପନ କରିଥିଲେ। ତିନି ଦିନ ଧରି ଚାଲିଥିବା ଏହି କାର୍ଯ୍ୟକ୍ରମରେ ପ୍ରଥମ ଦିବସରେ ଭବ୍ୟ କଳସଯାତ୍ରା ଅଞ୍ଚଳ ପରିଭ୍ରମଣ କରି ଇବ ନଦୀରୁ ଜଳ ଆଣି କଳସ ସ୍ଥାପନ, ସଙ୍କୀର୍ତ୍ତନ, ବିଶାଖାପଟନମରୁ ଦେବୀଙ୍କ ବୈଦିକ ବାଦ୍ୟ ଇତ୍ୟାଦି ଭକ୍ତଙ୍କୁ ଆକର୍ଷିତ କରିଛି। ତିନିଦିନ ଧରି ଚାଲିଥିବା ଆଜିର ଏହି ପ୍ରତିଷ୍ଠା ଦିବସରେ ମନ୍ଦିର ପ୍ରାଙ୍ଗଣରୁ ବେଦମନ୍ତ୍ର ଉଚ୍ଚାରଣ ଯୋଗୁ ସାରା ଅଞ୍ଚଳ ଭକ୍ତିମୟ ହୋଇ ପଡିଛି। ବିଧାୟିକା କହିଛନ୍ତି ଯେ ବାପାଙ୍କ ଇଚ୍ଛା ଓ ମନ୍ଦିର ନିର୍ମାଣକୁ ନେଇ ଦେଇଥିବା ପ୍ରତିଶ୍ରୁତିକୁ ପୂରଣ କରିଛୁ। କାର୍ଯ୍ୟକ୍ରମରେ ହଜାର ହଜାର ସଂଖ୍ୟାରେ ଶ୍ରଦ୍ଧାଳୁମାନେ ଯୋଗ ଦେଇଥିଲେ। ମନ୍ଦିର ପ୍ରତିଷ୍ଠା ଓ ପୂଜାର୍ଚ୍ଚନା ପରେ ସମସ୍ତ ଭକ୍ତ ମହାପ୍ରସାଦ ସେବନ କରିଥିଲେ। ପିଣ୍ଟୁ ପାଢ଼ୀ, ସନ୍ତୋଷ ରାଓ, ରାଧାକାନ୍ତ ତ୍ରିପାଠୀ, ବିକାଶ ମହାବର, ଅମିତାଭ ପଟେଲ, ସଞ୍ଜୟ ସିଂହ, କିଶୋର ପଣ୍ଡା, ସରିତା ଅଗ୍ରୱାଲ, ରିଙ୍କି କୋର, ଦିପା ନାଏକ, କାଜଲ ସିଂ ସହଯୋଗ କରିଥଲେ। ମନ୍ଦିର ପ୍ରତିଷ୍ଠା ଉତ୍ସବରେ ରବି ସିଂ, ତାପସରାୟ ଚୌଧୁରୀ, ସନ୍ଦିପ ଅବସ୍ଥି, ବାଲଗୋବିନ୍ଦ ମିଶ୍ର, ହିରାଲାଲ ଲୋକଚନ୍ଦାନି, ପୱନ୍ ସିଂ ଯାଦବ, ପ୍ରତାପ ନନ୍ଦ, ମଦନ ହାତୀ, ରାଜୁ ପାଣିଗ୍ରାହୀ, ରଘୁମନି ପଟେଲ, ହରିଶ ଗଣାତ୍ରା, ଅଶୋକ ଦାସ, ସିଦ୍ଧାର୍ଥ ସରକାର,ଚିରଞ୍ଜୀବି ପତି ଉପସ୍ଥିତ ଥିଲେ।



## ଏଲ୍ଏନ୍ କଲେଜରେ ଜାତୀୟ ବିଜ୍ଞାନ ଦିବସ ପାଳିତ

ଝାରସୁଗୁଡ଼ା, ୨୮।୨ (ସମିସ): ଏ ବର୍ଷ 'ଏକ ବିକଶିତ ଭାରତ ପାଇଁ ନିଜସ୍ୱ ପ୍ରଯୁକ୍ତିବିଦ୍ୟା' ପ୍ରସଙ୍ଗ ଉପରେ ଲକ୍ଷ୍ମୀନାରାୟଣ ମହାବିଦ୍ୟାଳୟ ସମସ୍ତ ବିଜ୍ଞାନ ବିଭାଗ ଆନୁକୂଲ୍ୟରେ ଜାତୀୟ ବିଜ୍ଞାନ ଦିବସ ପାଳିତ ହୋଇଯାଇଛି। ଅଧ୍ୟକ୍ଷା ଡ ସ୍ନେହଲତା ମିଶ୍ରଙ୍କ ଅଧ୍ୟକ୍ଷତାରେ ମୁଖ୍ୟଅତିଥି ଭାବରେ ପୂର୍ବତନ ଅଧ୍ୟକ୍ଷ ବିଭୂତି ଭୂଷଣ ଦାସ ଓ ମୁଖ୍ୟବକ୍ତା ଭାବେ ବିଶିଷ୍ଟ କୃଷି ବୈଜ୍ଞାନିକ ତଥା କୃଷି ବିଜ୍ଞାନକେନ୍ଦ୍ରର ମୁଖ୍ୟ ଡ. ସମୀର ରଞ୍ଜନ ଦାସ ଯୋଗ ଦେଇଥିଲେ। ଛାତ୍ରଛାତ୍ରୀଙ୍କ ମଧ୍ୟରେ ସ୍ନେହା ସାଶନି, ସତ୍ୟଜିତ ଶତପଥୀ, ଅଙ୍କିତ ରାଏ, ଚନ୍ଦ୍ରମୋହନ ହେମ୍ବ୍ରମ ଓ ରୁଦ୍ରକୁମାର ରାଉତ ଅଂଶଗ୍ରହଣ କରିଥଲେ। ଗଣିତ ବିଭାଗ ମୁଖ୍ୟ ଅଧ୍ୟାପିକା ପ୍ରଜ୍ଞା ପରମିତା ପଟେଲ ସଂଯୋଜନା କରିଥିଲେ। ପଦାର୍ଥ ବିଜ୍ଞାନ ମୁଖ୍ୟ ପ୍ରଫେସର ବିଜ୍ଞାନ ଭୂଷଣ ଭଞ୍ଜ ଉଦ୍ଦେଶ୍ୟ ଜ୍ଞାପନ କରିଥିବା ବେଳେ ପ୍ରାଧ୍ୟାପିକା ଗୀତାରାଣୀ ଦିକ୍ଷୀତ ଅତିଥି ପରିଚୟ ପ୍ରଦାନ କରିଥିଲେ। ମହାବିଦ୍ୟାଳୟର ଆଇକ୍ୟୁଏସି ସଂଯୋଜକ ପ୍ରାଧ୍ୟାପକ ତପନ ବାରିକ ବିଜ୍ଞାନ ଓ ଅର୍ଥନୀତି ଉପରେ ଟିପ୍ପଣୀ ପ୍ରଦାନ କରିଥିଲେ। ଅଧ୍ୟାପକ ଭାରତ ଭୂଷଣ ପତି ଧନ୍ୟବାଦ ଅର୍ପଣ କରିଥିଲେ।



## ଜିଲ୍ଲା ବିଜ୍ଞାନ କେନ୍ଦ୍ରର ଭିତ୍ତିପ୍ରସ୍ତର ସ୍ଥାପନ

ଝାରସୁଗୁଡ଼ା,୨୮।୨(ସମିସ): ଜିଲ୍ଲା ବିଜ୍ଞାନ କେନ୍ଦ୍ର ଝାରସୁଗୁଡ଼ାର ଶୁଭାରମ୍ଭ ଆଭାସି ମାଧ୍ୟମରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କରିଛନ୍ତି। ଝାରସୁଗୁଡ଼ା ଜିଲ୍ଲାପାଳ ଆବୋଲି ସୁନୀଲ ନରୱାନେ, ଜିଲ୍ଲା ଶିକ୍ଷାଧିକାରୀ ପୁଷ୍ପା ମିଞ୍ଜ, ଜିଲ୍ଲା ବିଜ୍ଞାନ ପ୍ରସାର ସମିତି ସଦସ୍ୟ ତଥା ମହିଳା ମହାବିଦ୍ୟାଳୟ ସଭାପତି ପୂର୍ଣ୍ଣଚନ୍ଦ୍ର ପ୍ରଧାନ, ଓଡ଼ିଶା ବିଜ୍ଞାନ ଏକାଡେମି ସଦସ୍ୟ ବିରାଟରାଜା ପଧାନ, ଅତିରିକ୍ତ ଶିକ୍ଷାଧିକାରୀ ପ୍ରଦୀପ୍ତ ସା, ଜିଲ୍ଲା ସୂଚନା ଓ ଲୋକସଂପର୍କ ଅଧିକାରୀ ଅଜୟ ଜେନାଙ୍କ ସମେତ ବିଦ୍ୟାଳୟ ଓ ମହାବିଦ୍ୟାଳୟର ଛାତ୍ରଛାତ୍ରୀ ଓ ଶିକ୍ଷକ ଶିକ୍ଷୟିତ୍ରୀ ଉପସ୍ଥିତ ଥିଲେ। ଝାରସୁଗୁଡ଼ା ଜିଲ୍ଲା ବିଜ୍ଞାନ କେନ୍ଦ୍ର ପଞ୍ଚପଡାଠାରେ ତିଆରି ହେବ। ୬.୫ କୋଟି ଟଙ୍କା ଅଟକଳ ବ୍ୟୟ ରେ ନିର୍ମାଣ ହେବାକୁ ଥିବା ଏହି କେନ୍ଦ୍ରରେ ବିଜ୍ଞାନକୁ ଆକର୍ଷଣୀୟ ଓ ଲୋକପ୍ରିୟ କରିବାର କଳା କୌଶଳ ପ୍ରଦର୍ଶିତ ରହିବ। ବିଜ୍ଞାନପ୍ରେମୀ ଓ ଛାତ୍ରଛାତ୍ରୀ ଏହାର ମଜା ନେଇପାରିବେ।



### ସରକାରୀ କୋଠା ନିର୍ମାଣରେ ଚଞ୍ଚକତା

## ଅଭିଯୋଗ ପରେ ଭଙ୍ଗାହେଲା; ପୁନଃନିର୍ମାଣ ନିର୍ଦ୍ଦେଶ

କୋଲାବିରା, ୨୮ ।୨(ସମିସ)

ସରକାରୀ କୋଠା ନିର୍ମାଣରେ ଚଞ୍ଚକତା କରି ଅତି ନିମ୍ନମାନର କାର୍ଯ୍ୟ ବିରୋଧରେ ଅଭିଯୋଗ ହେବାପରେ ବୁଧବାର ବିଭାଗୀୟ ଯନ୍ତ୍ରୀଙ୍କ ତତ୍ୱାବଧାନରେ ଭଙ୍ଗାଯାଇଛି ଉକ୍ତ କାର୍ଯ୍ୟ। ଏହାସହ ସମାନ କାର୍ଯ୍ୟକୁ ପୁନର୍ବାର କରିବାକୁ ନିର୍ଦ୍ଦେଶ ଦିଆଯାଇଛି।





କୋଲାବିରା ତହସିଲ କାର୍ଯ୍ୟାଳୟ ସାମନାରେ ଖାତା ନମ୍ବର ୨୧୬ ପ୍ଲଟ ସଂଖ୍ୟା୬୬୫ ଉପରେ ଅବକାରୀ ବିଭାଗର କାର୍ଯ୍ୟାଳୟ ପାଇଁ ଏକ କୋଠା ନିର୍ମାଣ ଚାଲିଥିଲା। ନିମ୍ନମାନର କାର୍ଯ୍ୟ ବିଷୟରେ ଅଭିଯୋଗ ପାଇବା ପରେ ଦୁଇଦିନ ପୂର୍ବେ କୋଲାବିରା ସରପଞ୍ଚ ଚେତାନନ୍ଦ ନଇ ଘଟଣାସ୍ଥଳକୁ ପହଞ୍ଚି ବିଭାଗୀୟ ଅଧିକାରୀ ନ ଆସିବା ପର୍ଯ୍ୟନ୍ତ କାର୍ଯ୍ୟବନ୍ଦ କରିବାକୁ କହିଥିଲେ ମାତ୍ର ସେଠାରୁ ସରପଞ୍ଚ ଚାଲିଯିବା ପରେ ପୁଣି କାର୍ଯ୍ୟ ଆରମ୍ଭ କରାଯାଇଥିଲା। ଏଥିରୁ ଅନୁମେୟ ଯେ ଠିକାଦରଙ୍କ ଏବଂ ବିଭାଗୀୟ ଅଧିକାରୀଙ୍କ ଗଭୀର ସଲାସୁତ୍ରରେ ସରକାରୀ ଅର୍ଥର ଦୁରୁପଯୋଗ କରାଯାଉଛି। ଏ ସଂକ୍ରାନ୍ତରେ ପୂର୍ତ ବିଭାଗର ଯନ୍ତ୍ରୀ ତାପସ ନାଏକଙ୍କୁ ଯୋଗଯୋଗ କରିବାରୁ ସେ କହିଥଲେ ଯେ ଅନ୍ୟ ସ୍ଥାନରେ ରାସ୍ତାକାମ ତଦାରଖ କରୁଥିବାରୁ ସେ ଢଳେଇ ଦିନ ଉପସ୍ଥିତ ନଥିଲେ। ଠିକାଦାରକୁ ତାଗିଦ ମଧ୍ୟ କରିଥିଲେ ଯେ ତାଙ୍କ ଉପସ୍ଥିତିରେ ହିଁ ଢଲେଇ କାର୍ଯ୍ୟ ହେବ; ମାତ୍ର ଠିକାଦାର ତାଙ୍କ କଥା ନଶୁଣି ନିଜ ମର୍ଜିରେ କାର୍ଯ୍ୟ କରିଛନ୍ତି। ଅଭିଯୋଗ ପରେ କାର୍ଯ୍ୟବନ୍ଦ ପାଇଁ ନିର୍ଦ୍ଦେଶ ଦିଆଯାଇଛି। ଦିନେ ଦୁଇଦିନ ମଧ୍ୟରେ ନିର୍ମାଣସ୍ଥଳକୁ ପହଞ୍ଚି ପ୍ଲିନ୍ଥ ବେଣ୍ଡକୁ ଭାଙ୍ଗାଯାଇ ପୁନର୍ବାର ଢଲେଇ କରାଯିବ। ଉପଯୁକ୍ତ ମାନଦଣ୍ଡକୁ ଆଧାର କରି ନିର୍ମାଣ କାର୍ଯ୍ୟ ଆଗେଇବ ବୋଲି ଯନ୍ତ୍ରୀ ଶ୍ରୀ ନାଏକ କହିଛନ୍ତି।

### ସରକାର କା ମାଲ୍..

୮୨ ଲକ୍ଷ ବ୍ୟୟ ଅଟକଳରେ କୋଠା ସାଙ୍ଗକୁ ପାଚେରି ଏବଂ କିଛି ଅଂଶ କଂକ୍ରିଟ ରାସ୍ତା ରହିଛି। ପ୍ଲିନ୍ଥ ପର୍ଯ୍ୟନ୍ତ କାମ ସରି ପିଲର ଉଠିଲାଣି। ପିଡବ୍ଲୁଡି ବିଭାଗ ଅଧୀନରେ ହେଉଥିବା ଏହି କାର୍ଯ୍ୟପାଇଁ ଟେଣ୍ଡର ଆହ୍ୱାନ କରାଯାଇ ସୁନ୍ଦରଗଡ଼ ଅଞ୍ଚଳରେ ଜଣେ ଠିକାଦାର ଏହି କାର୍ଯ୍ୟକରୁଛନ୍ତି। କାର୍ଯ୍ୟ ଆରମ୍ଭରୁ ଉପଯୁକ୍ତ ନିଅଁ ନଖୋଳି କାର୍ଯ୍ୟ ଆରମ୍ଭ କରାଯାଇଛି। ପ୍ଲିନ୍ଥବେଣ୍ଡରେ ଚିପ୍ସ, ଛଡ଼ ଆଉ ଉପଯୁକ୍ତ ପରିମାଣର ସିମେଣ୍ଟ ମିଶ୍ରଣରେ ଢଲେଇ କରାଯାଇ ନାହିଁ। ବିଭାଗୀୟ ଯନ୍ତ୍ରୀଙ୍କ ଅନୁପସ୍ଥିତିରେ ଠିକାଦାର ଜଣକ ନିଜ ମର୍ଜିରେ ଉକ୍ତ ସ୍ଥାନରେ ଚିପ୍ସ ବଦଳରେ ମେଟାଲ ବ୍ୟବହାର କରି ଢଲେଇ କରିଛନ୍ତି। ଫଳରେ ପ୍ଲିନ୍ଥ ଆରମ୍ଭରୁ ଦୁର୍ବଳ ରହିଛି। ସରକାର କା ମାଲ୍ ଦରିଆ ମେ ଡାଲ୍ ଉକ୍ତିରେ କାର୍ଯ୍ୟ କରୁଥିବା ଠିକାଦାରଙ୍କୁ ବିଭାଗୀୟ ଅଧିକାରୀଙ୍କ ପରୋକ୍ଷ ସୁରକ୍ଷା ଯୋଗୁଁ ଏପରି ନିମ୍ନମାନର କାର୍ଯ୍ୟ କରାଯାଉଥିବା ଅଭିଯୋଗ ହୋଇଛି। ଦକ୍ଷତା ଅଭାବ ସାଙ୍ଗକୁ ବେପରୁଆ ମନୋଭାବ ଦ୍ୱାରା ସମ୍ପାଦିତ ହେଉଥିବା କାର୍ଯ୍ୟର ସ୍ଥାୟିତ୍ୱକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହେଉଛି। କୋଠାର ଗର୍ଭସ୍ଥଳରେ ବାଲି ଭର୍ତ୍ତିକରି ପ୍ରଚୁର ପରିମାଣରେ ପାଣି ଦେବାର ବ୍ୟବସ୍ଥା ରହିଥିବା ସ୍ଥଳେ ଠିକାଦାର ଉକ୍ତ ସ୍ଥାନରେ ମାଟି ଭର୍ତ୍ତିକରି ଉପରେ ସାମାନ୍ୟ ବାଲି ପକେଇଥିବା ଦେଖିବାକୁ ମିଳିଛି।

ଜାତୀୟ ବିଜ୍ଞାନ ଦିବସ ପାଳିତ

# ‘ନିଜକୁ ପ୍ରଶ୍ନକରି ଜିଜ୍ଞାସା ବୃଦ୍ଧିକଲେ ସୃଷ୍ଟିହୁଏ ଚିନ୍ତାଧାରା’

**ପାଇକମାଳ/ଭେଡେନ/ପଦ୍ମପୁର/ଦହିତା/ ବରପାଲି/ବରଗଡ଼, ୨୮।୨ (ସମିସ)**

ବରଗଡ଼ ବିଜ୍ଞାନ କେନ୍ଦ୍ର, ଟୁକୁର୍ଲ୍ଲାରେ ଜାତୀୟ ବିଜ୍ଞାନ ଦିବସ ପାଳିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଜିଲ୍ଲା ଶିକ୍ଷାଧିକାରୀ ମିତ୍ରଭାନୁ କଚ୍ଛପ ଓ ସମ୍ମାନିତ ଅତିଥି ଭାବରେ ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ ଛତ୍ରପତି ସାହୁ, ରାଧାକାନ୍ତ ଛତ୍ରୀ, ପୂର୍ବତନ ଜିଲ୍ଲା ବିଜ୍ଞାନ ନିରୀକ୍ଷକ ମନୋଜ ସାହୁ, ଜିଲ୍ଲା ବିଜ୍ଞାନ ନିରୀକ୍ଷକ ଧୀରଜ ପଟ୍ଟନାୟକ ଯୋଗ ଦେଇଥିଲେ। ଏହି ଅବସରରେ ବିଜ୍ଞାନ ଶିକ୍ଷକ ସେମିନାର, କୁଇଜ୍ ପ୍ରତିଯୋଗିତା, ଶିଶୁ ବୈଜ୍ଞାନିକ ପ୍ରଦର୍ଶନୀ ଆୟୋଜିତ ହୋଇଥିଲା। ଶିକ୍ଷକ ସେମିନାରରେ ବିଜ୍ଞାନ ଶିକ୍ଷକ ଧର୍ମରାଜ ପ୍ରଧାନ, ସଞ୍ଜୟ ଖମାରୀ, ସଞ୍ଜୀବ ପ୍ରଧାନ, ତ୍ରୈଲୋଚନ ପ୍ରଧାନ, ଶିକ୍ଷୟିତ୍ରୀ ରୀନା ପ୍ରଧାନ ଓ ପ୍ରୀତି ରଶ୍ମି ସେଠ ଅଂଶଗ୍ରହଣ କରିଥିଲେ। କୁଇଜ୍ ଓ ଶିଶୁ ବୈଜ୍ଞାନିକ ପ୍ରଦର୍ଶନୀରେ ଜିଲ୍ଲାର ୫୫ ଜଣ ଶିଶୁ ବୈଜ୍ଞାନିକ ଅଂଶଗ୍ରହଣ କରିଥିଲେ। କୁଇଜ୍ ପ୍ରତିଯୋଗିତାକୁ ବିଜ୍ଞାନ ଶିକ୍ଷକ ଭବାନୀ ଗଡ଼ତିଆ ଓ ବିଜ୍ଞାନ ଶିକ୍ଷକ ସଞ୍ଜୟ ଖମାରୀ ପରିଚାଳନା କରିଥିଲେ। କୁଇଜ୍ ପ୍ରତିଯୋଗିତାରେ ବରଗଡ଼ ଜର୍ଜ ହାଇସ୍କୁଲର ଶୁଭମ ବାରିକ ଓ ତୁଲଣ୍ଡି ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର କମଳିନୀ ଭୁଏ ଯୁଗ୍ମ ଭାବରେ ପ୍ରଥମ, ଗାଇସିଲେଟ ଓଡ଼ିଶା ଆଦର୍ଶ ବିଦ୍ୟାଳୟର ଧନଞ୍ଜୟ ସାହୁ ଦ୍ୱିତୀୟ ଓ ଲାଦେରପାଲି ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରର ଆଶୁତୋଷ ଚାନ୍ଦ ତୃତୀୟ ସ୍ଥାନ ଅଧିକାର କରିଥିଲେ। ବିଜ୍ଞାନ ପ୍ରକଳ୍ପ ପ୍ରଦର୍ଶନୀରେ ସରକଣ୍ଡା ପ୍ରାଥମିକ ବିଦ୍ୟାଳୟର ଟିକେଶ୍ୱରୀ ଭୁଏ, ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରର ଶିକ୍ଷା ପ୍ରଧାନ ଓ ବରଗଡ଼ ଜର୍ଜ ହାଇସ୍କୁଲର ଶୁଭମ ବାରିକ ଯଥାକ୍ରମେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିଲେ। କୃତୀ ଛାତ୍ରଛାତ୍ରୀମାନେ ଅତିଥିଙ୍କଠାରୁ ମାନପତ୍ର ଓ ଟ୍ରଫି ଗ୍ରହଣ କରିଥିଲେ। ଜିଲ୍ଲା ବିଜ୍ଞାନ ନିରୀକ୍ଷକ ଧୀରଜ ପଟ୍ଟନାୟକଙ୍କ ସଂଯୋଜନା କ୍ରମେ ଶିକ୍ଷକ ଟୁନା କର୍ଣ୍ଣ, ପ୍ରିୟବ୍ରତ ସାହୁ, ସଞ୍ଜୟ ଖମାରୀ, ସଦାନନ୍ଦ ଜାଲ, ଗୋପୀନାଥ ପ୍ରଧାନ ସହଯୋଗ କରିଥିବା ବେଳେ ଶିକ୍ଷକ ଭବାନୀ ଶଙ୍କର ଗଡ଼ତିଆ ଧନ୍ୟବାଦ ଅର୍ପଣ କରିଥିଲେ।

ଯମୁନା କାନ୍ଧୁଣୀ ବାଳିକା ଉଚ୍ଚ ବିଦ୍ୟାଳୟରେ ବ୍ଲକସ୍ତରୀୟ ଜାତୀୟ ବିଜ୍ଞାନ ଦିବସ ପାଳନ ହୋଇଯାଇଛି। ପ୍ରଧାନଶିକ୍ଷକ ସୁଶାନ୍ତ ପଣ୍ଡାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବେ ପାଇକମାଳ ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ଦ୍ୱାଦଶ ପ୍ରଧାନ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ଶିକ୍ଷକ କମଳାକାନ୍ତ ଭୋଇ ଯୋଗ ଦେଇଥିଲେ। ବିଜ୍ଞାନ ଶିକ୍ଷୟିତ୍ରୀ ସଂଗୀତା ସାହୁ ଉତ୍ସବର ଉଦ୍ଦେଶ୍ୟ ଜ୍ଞାପନ କରଥିଲେ। ଶିକ୍ଷୟିତ୍ରୀ ଅନିମା ରାଉତ, ଅନିତା ପାଣିଗ୍ରାହୀ ମଞ୍ଚାସୀନ ଥିଲା ବେଳେ ସେବକ ସେଠ ସଭା ପରିଚାଳନା କରିଥିଲେ। ବିଦ୍ୟାଳୟର ନବମ ଶ୍ରେଣୀ ଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ହୋଇଥିଲା।





ଭେଡେନସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାଳୟରେ ପ୍ରଧାନଆଚାର୍ଯ୍ୟ ନରେନ୍ଦ୍ର ବିଶ୍ୱାଳ ଓ ବରିଷ୍ଠ ଆଚାର୍ଯ୍ୟ ମନମୋହନ ମେଣ୍ଡଲୀ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିବା ବେଳେ ସଂଜୀବ ରଥ ସଭା ସଂଯୋଜନା କରିଥିଲେ। ସିନ୍ଧୁମତୀ ଗୁରୁମା ଅତିଥି ପରିଚୟ କରିଥିଲେ। ବିଜ୍ଞାନ ପ୍ରମୁଖ ପ୍ରମୋଦ ବାଗ ବିଜ୍ଞାନ ଦିବସର ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ବିଦ୍ୟାଳୟର ପୂର୍ଣ୍ଣିମା ଗୁରୁମା’ଙ୍କ ତତ୍ତ୍ୱାବଧାନରେ ପ୍ରତିଯୋଗିତା ହୋଇଥିଲା। ବିଜ୍ଞାନ କୁଇଜରେ ପ୍ରିୟଦର୍ଶିନୀ ମେହେର, ଅଙ୍କିତା ବେହେରା, ରାଜଶ୍ରୀ ମାଝି, ପ୍ରତ୍ୟୁଷ ପାତ୍ର, ପୀୟୂଷ ଭୋଇ, ସିଦ୍ଧିମା ପ୍ରଧାନ, ଅନମୟୀ ଛନ୍ଦ, ଅନନ୍ୟା ବଞ୍ଚୋର, ସ୍ୱସ୍ତିକ ବାଗ ଭାଗ ନେଇଥିବା ବେଳେ ବୈଜ୍ଞାନିକଙ୍କ ଜୀବନୀ ଉପସ୍ଥାପନାରେ ପ୍ରିୟଦର୍ଶିନୀ ମେହେର, ଅଙ୍କିତା ବେହେରା, ସିଦ୍ଧାର୍ଥ ବେହେରା, ଆୟୁଷ୍ମାନ ଭୋଇ, ଶ୍ରେୟନ୍ସ ପଣ୍ଡା, ପ୍ରତିଜ୍ଞା ମେହେର ଭାଗ ନେଇଥିଲେ। ସୁଫଳଶ୍ରୀ ବାଗ, ଗୁଞ୍ଜନ ରଣା, ଜିଜ୍ଞେସ ପ୍ରଧାନ ପୁରସ୍କୃତ ହୋଇଥିଲେ। ଏନଆରଟିଏସ ପରୀକ୍ଷାରେ କୃତକାର୍ଯ୍ୟ ହୋଇଥିବା ନବମ ଶ୍ରେଣୀ ଭଉଣୀ ପ୍ରିୟଦର୍ଶିନୀ ମେହେର ଓ ସ୍ୱନ୍ଦନ ଶତପଥୀଙ୍କୁ ସମ୍ବର୍ଦ୍ଧନା କରାଯାଇଥିଲା।



ପଦ୍ମପୁର ଅଞ୍ଚଳ ମହାବିଦ୍ୟାଳୟରେ ଅଧ୍ୟକ୍ଷ ଲଳିତ ମୋହନ ପଣ୍ଡାଙ୍କ ସଭାପତିତ୍ୱରେ ଜାତୀୟ ବିଜ୍ଞାନ ଦିବସ ପାଳନ କରାଯାଇଛି। ସଂଯୋଜନା କରି ଥିଲେ ପ୍ରମୋଦ ତ୍ରିପାଠୀ। ରସାୟନ ବିଜ୍ଞାନର ପୂର୍ବତନ ବିଭାଗମୁଖ୍ୟ ଡ. ମନୋଜ ପ୍ରଧାନ ଅତିଥି ତଥା ବକ୍ତା ଭାବରେ ଯୋଗ ଦେଇଥିଲେ। କହିଥିଲେ ଯେ ନିଜର ଇଚ୍ଛାଶକ୍ତି, ସୃଜନୀ ଶକ୍ତି, ଚିନ୍ତନ ଶକ୍ତି ଓ ନିଜକୁ ନିଜେ ପ୍ରଶ୍ନ ପଚାରିବା ଦ୍ୱାରା ଗୋଟିଏ ଶିଶୁ ନିଜର ବୈଜ୍ଞାନିକ ପ୍ରତିଭାକୁ ଚିହ୍ନି ପାରିବ। ବିଜ୍ଞାନ ସଂସଦ ଦ୍ୱାରା ଆୟୋଜିତ ପ୍ରତିଯୋଗିତାରେ କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କାର ବିତରଣ କରାଯାଇଥିଲା। ତାରାପ୍ରସାଦ ଶତପଥୀ, ଖଗେଶ୍ୱର ଦାସ, ପ୍ରଭାତ ମହାପାତ୍ର, ଡ. ସୁବୋଧ ତ୍ରିପାଠୀ, ଡ. ସରୋଜ ନାଏକ, ନବକୃଷ୍ଣ ମିଶ୍ର, ଡ. ପ୍ରଦୀପ ପଣ୍ଡା, ଖୁନୁ ପରିଡ଼ା, ମୋନାଲିସା ସ୍ୱାଇଁ, ଶର୍ମିଳା ପଣ୍ଡା, ଡ. ମମତାମୟୀ ଗୁରୁ, ନିକିତା ଭୋଇ, ସସ୍ମିତା ମେହେର, ଓମ୍ ପ୍ରକାଶ ସତନାମୀ, ଜୟକୁମାର ଭୁଏ, ସଞ୍ଜୟ ଟିଗା, ବାଲ୍‌ଗୋପାଳ ମେହେର, ସଦାନନ୍ଦ ଭୋଇ, ସମୀର ନାଗ ଯୋଗ ଦେଇଥିଲେ।



ସେହିପରି ପଦ୍ମପୁର ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ଟେମରୀ ଉଚ୍ଚ ବିଦ୍ୟାଳୟର ଅବସରପ୍ରାପ୍ତ ବିଜ୍ଞାନଶିକ୍ଷକ ଦୈତାରୀ ସ୍ୱାଇଁ ମୁଖ୍ୟଅତିଥି ଭାବରେ ଯୋଗ ଦେଇଥିଲେ। ପ୍ରଧାନଆଚାର୍ଯ୍ୟ ଯୁବରାଜ ପଧାନ ସ୍ୱାଗତ ଭାଷଣ ଓ ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ରଜତ ଗୁରୁଜୀ କାର୍ଯ୍ୟକ୍ରମର ସଂଯୋଜନା କରିଥିବା ବେଳେ ମମତା ଗଡତିଆ ଆୟୋଜନ କରିଥିଲେ। ଚୈତନ୍ୟ ଭୋଇ ଗୁରୁଜୀ ଧନ୍ୟବାଦ ଅର୍ପଣ କରିଥିଲେ। ପ୍ରାତଃ ପର୍ଯ୍ୟାୟରେ ମନ୍ଦାକିନୀ ଗୁରୁମା ସଂଯୋଜନା କରିଥିଲେ। ଦୁର୍ବାଦଳ ସାହୁ ଗୁରୁଜୀ ଓ ସ୍ନିଗ୍ଧା ହାତୀ ଗୁରୁମା ସି.ଭି. ରମଣଙ୍କ ଜୀବନୀ ଓ ବିଜ୍ଞାନ ଉପରେ ବକ୍ତବ୍ୟ ପ୍ରଦାନ କରିଥିଲେ। ପ୍ରାତଃ ପର୍ଯ୍ୟାୟ ପ୍ରମୁଖ ସୁଜାତା ତ୍ରିପାଠୀ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ପ୍ରଦାନ କରିଥିଲେ। ସେହିପରି ଶିଶୁ ମନ୍ଦିର ବିଭାଗରେ ସଭାପତି ପୃଥ୍ୱିରାଜ ସାହୁ ଦୀପ ପ୍ରଜ୍ୱଳନ କରି ବିଜ୍ଞାନ ଦିବସ ଉପରେ ମାର୍ଗ ଦର୍ଶନ କରିଥିଲେ। ଦିବା ପର୍ଯ୍ୟାୟ ପ୍ରମୁଖ ମୁଦିରଥ ପଣ୍ଡା ଗୁରୁଜୀ ଅତିଥି ପରିଚୟ ପ୍ରଦାନ କରିଥିଲେ। ପ୍ରଦୀପ ରାଜହଂସ ସଂଯୋଜନା କରିଥିଲେ। ସବିତା ଗୁରୁମା ସିଭି ରମଣଙ୍କ ଜୀବନୀ ଉପରେ କହିଥିଲେ।

ଜମରତଲା ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟରେ ପ୍ରଧାନଶିକ୍ଷକ ରାଜେଶ ଖମାରୀଙ୍କ ସଭାପତିତ୍ୱରେ ଜାତୀୟ ବିଜ୍ଞାନ ଦିବସ ପାଳିତ ହୋଇଯାଇଛି। ଛାତ୍ରଛାତ୍ରୀଙ୍କ ମଧ୍ୟରେ ବକ୍ତୃତା ଓ ସାଧାରଣ ଜ୍ଞାନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମକୁ ଶିକ୍ଷକ ରୂପଧର ନାୟକ, ସୂର୍ଯ୍ୟକାନ୍ତ ବାରିକ ଓ ଭୀଷ୍ମଦେବ ବାରିକ ପରିଚାଳନା କରିଥିଲେ।

ବରପାଲି ଓଡ଼ିଶା ଆଦର୍ଶ ବିଦ୍ୟାଳୟରେ ଅଧ୍ୟକ୍ଷ ସନ୍ତୋଷ ସାହୁଙ୍କ ସଭାପତିତ୍ୱରେ ପରିଚାଳିତ କାର୍ଯ୍ୟକ୍ରମରେ ଗଣିତ ଶିକ୍ଷକ ଲଲାଟେନ୍ଦୁ ରଣା ବିଜ୍ଞାନର ଉପାଦେୟତା ଓ ଭାରତୀୟ ପ୍ରାଚୀନ ବିଜ୍ଞାନ ପରମ୍ପରା ଜ୍ଞାନ କୌଶଳ ଉପରେ ସାମ୍ୟକ୍ ଆଲୋଚନା କରିଥିଲେ। ଷୋହଳ ଜଣ ଛାତ୍ରଛାତ୍ରୀ ବିଜ୍ଞାନର ବିଭିନ୍ନ ବିଷୟ ଉପରେ ନିଜ ବକ୍ତବ୍ୟ ଉପସ୍ଥାପନ କରିଥିଲେ। ସଂସ୍କୃତ ଶିକ୍ଷକ ଈଶ୍ୱରଚନ୍ଦ୍ର ଗଡତିଆ ସଭା ସଞ୍ଚାଳନ କରିଥିବା ବେଳେ ଇଂରାଜୀ ଶିକ୍ଷୟିତ୍ରୀ ପ୍ରିୟଙ୍କା ପ୍ରିୟଦର୍ଶିନୀ ଧନ୍ୟବାଦ ଅର୍ପଣ କରିଥିଲେ।




ଉଟଲି ବ୍ଲକ କମଗାଁ ମହାବିଦ୍ୟାଳୟରେ ବିଜ୍ଞାନ ଦିବସ ପାଳିତ ହୋଇଯାଇଛି। ମୁଖ୍ୟଅତିଥି ଭାବରେ ପଦ୍ମଶ୍ରୀ କୃତାର୍ଥ ଆଚାର୍ଯ୍ୟ ଇଂଜିନିୟରିଙ୍ଗ କଲେଜର ଅଧ୍ୟକ୍ଷ ତଥା ମେକାନିକାଲ ଇଞ୍ଜିନିଅର ଡ଼ ଭରତ ଭୂଷଣ ଶତପଥି, ସମ୍ମାନିତ ଅତିଥି ଲରମ୍ଭା ମହାବିଦ୍ୟାଳୟର ଉଦ୍ଭିଦ ବିଜ୍ଞାନ ବିଭାଗର ଅଧ୍ୟାପକ ମନୋରଞ୍ଜନ ତ୍ରିପାଠୀ, ପ୍ରାଧ୍ୟାପକ ହରେକୃଷ୍ଣ ଦେବତା, ପ୍ରାଧ୍ୟାପକ ରବିନାରାୟଣ ସାହୁ ଓ ଅଧ୍ୟାପକ ପୃଥ୍ୱୀ ରାଜ ମହାକୁଡ଼ ପ୍ରମୁଖ ଯୋଗଦାନ କରିଥିଲେ। କଲେଜର ଅଧ୍ୟକ୍ଷ ପ୍ରେମାନନ୍ଦ ପଟେଲଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅଧ୍ୟାପକ ବୈକୁଣ୍ଠ ସାହୁ ବିଜ୍ଞାନ ଦିବସର ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ଏହି ଅବସରରେ କୁଇଜ ଓ ତର୍କ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଅଧ୍ୟାପିକା ମମତା ଭୋଇ ଧନ୍ୟବାଦ ଅର୍ପଣ କରିଥିଲେ।

## ୪ ହତ୍ୟା ଅଭିଯୁକ୍ତ ନିର୍ଦ୍ଦୋଷ ସାବ୍ୟସ୍ତ

**ଦେବଗଡ଼, ୨୮।୨(ସମିସ):** ଦେବଗଡ଼ ଜିଲା ଓ ଦୌରାଜଜ୍ ଗୌତମ ଶର୍ମା ଏକ ହତ୍ୟା ମାମଲାର ରାୟ ପ୍ରକାଶ କରିଛନ୍ତି। ପ୍ରମାଣ ଅଭାବରୁ ୪ ଜଣ ହତ୍ୟା ଅଭିଯୁକ୍ତଙ୍କୁ ନିର୍ଦ୍ଦୋଷରେ ଖଲାସ କରିଛନ୍ତି।

୨୦୧୮ ନଭେମ୍ବର ୧୬ରେ ଲଇମୁରା ଥାନା (ତତ୍କାଳୀନ ଦେବଗଡ଼ ଥାନା ଇଇମୁରା ଫାଣ୍ଡି) ଅଧୀନ ସମାସିଂହା ଗ୍ରାମର କାଠି ଓରଫ କିସାନ ଜାମୁଦା ନିକଟସ୍ଥ ବଜାରକୁ ଯାଇ ଆଉ ଘରକୁ ଫେରି ନ ଥିଲେ। ତେବେ ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ସମାସିଂହା ଗ୍ରାମର ଅର୍ଜୁନ ଶୁଣ୍ଡି, ଶିବ ଜାମୁଦା, ଡମ୍ବରୁ ହେମ୍ବ୍ରମ ଓ କୁଜୁରି ଶୁଣ୍ଡି ମିଶି କିସାନଙ୍କୁ ହତ୍ୟା କରିଥାଇ ପାରନ୍ତି ବୋଲି ଜାମୁଦାଙ୍କ ପୁଅ କୁନାଲ ପୁର୍ତ୍ତି ଥାନାରେ ଅଭିଯୋଗ କରିଥିଲେ। ସେହିପରି ଅନ୍ୟମାନଙ୍କ ସହିତ ମିଶି କିସାନଙ୍କୁ ହତ୍ୟା କରିଥିବା ଅର୍ଜୁନ ତାଙ୍କୁ କହିଥିବା ସେହି ଗ୍ରାମର ଜେମ୍ସ ପୂର୍ତ୍ତି ଗ୍ରାମବାସୀଙ୍କୁ ଜଣାଇବା ପରେ ଗ୍ରାମବାସୀ କିସାନଙ୍କ ମୃତଦେହ ଖୋଜାଖୋଜି କରିଥିଲେ। ଘଟଣାର ୧୦ ଦିନ ପରେ ଗ୍ରାମବାସୀ ନିକଟସ୍ଥ ସାଲୋହୀ ବଡହୁଲି ଜଙ୍ଗଲରୁ କିସାନଙ୍କ ଗଳିତ ମୃତଦେହ ଠାବ କରିଥିଲେ। ଦେବଗଡ଼ ଥାନା ପୁଲିସ ଏକ ହତ୍ୟା ମାମଲା ରଜୁ କରିବା ସହ ଘଟଣାର ତଦନ୍ତ କରି ଅର୍ଜୁନ, ଶିବ, ଡମ୍ବରୁ ଓ କୁଜୁରିଙ୍କୁ ଗିରଫ କରିଥିଲା। ଡମ୍ବରୁ ଓ କୁଜୁରି ଉଚ୍ଚ ନ୍ୟାୟାଳୟରୁ ଜାମିନରେ ଆସିଥିବା ବେଳେ ଅର୍ଜୁନ ଓ ଶିବ ଜେଲ୍‌ରେ ଥିଲେ। ଅଦାଲତ ଏହି ମାମଲାର ବିଚାର କରି ୨୦ ଜଣ ସାକ୍ଷୀଙ୍କ ବୟାନ ଓ ଉଭୟ ପକ୍ଷ ଓକିଲଙ୍କ ଜବାବ ସୁଆଲକୁ ଭିତ୍ତି କରି ଉପଯୁକ୍ତ ପ୍ରାମାଣ ଅଭାବରୁ ୪ ଅଭିଯୁକ୍ତଙ୍କୁ ନିର୍ଦ୍ଦୋଷରେ ଖଲାସ କରିଛନ୍ତି। ଅଭିଯୁକ୍ତଙ୍କ ପକ୍ଷରୁ ବରିଷ୍ଠ ଆଇନଜୀବୀ ଦିଲ୍ଲୀପ ଗୁରୁ, ଅତୁଲ୍ୟ ପୂଜାରୀ, ସିଦ୍ଧେଶ୍ୱର ଗୁରୁ ଓ ବିଜ୍ଞା ବିନମ୍ରତା ଦ୍ୱିବେଦୀ ମାମଲା ପରିଚାଳନା କରିଥିଲେ।

## ବାଇକ୍ ପାଇଁ ସ୍ତ୍ରୀକୁ ନିର୍ଯାତନା

**ଦେବଗଡ଼, ୨୮।୨(ସମିସ):** କୁଣ୍ଡେଇଗୋଳା ଥାନା ଉଟୁଣିଆ ଗ୍ରାମରେ ବିବାହର ୬ ବର୍ଷ ପରେ ଶଶୁର ଘରୁ ଯୌତୁକରେ ବାଇକ୍ ମିଳି ନ ଥିବାରୁ ସ୍ତ୍ରୀକୁ ସ୍ୱାମୀର ଯୌତୁକ ନିର୍ଯାତନା ନେଇ ଥାନାରେ ଅଭିଯୋଗ ହୋଇଛି। ଉଟୁଣିଆ ଗ୍ରାମର ଜଗବନ୍ଧୁ ନାଏକଙ୍କ ପୁଅ ଫକୀର ନାଏକ ୨୦୧୮ ରେ ସମ୍ବଲପୁର ଜିଲ୍ଲା ନାକଟିଦେଉଳ ଥାନା ଜାମଞ୍ଜୁରୀ ଗ୍ରାମର ମାଧବଙ୍କ ଝିଅ ଶିବାନୀଙ୍କ ସହ ବୈଦିକ ରୀତିନୀତିରେ ବିବାହ କରିଥିଲେ। ବିବାହରେ କନ୍ୟାପକ୍ଷ ଉପହାର ବାବଦରେ ସମସ୍ତ ଘର ଉପକରଣ ଓ ଆସବାବ ପତ୍ର ଦେଇଥିଲେ। ଫକୀର ଏବେ ଶିବାନୀଙ୍କୁ ଏକ ବାଇକ୍ ଆଣିବାକୁ ବାରମ୍ବାର ଚାପ ପକାଉଛନ୍ତି; ମାତ୍ର ଶିବାନୀ ମନା କରିବାରୁ ଫକୀର ଶାରୀରିକ ଓ ମାନସିକ ଯନ୍ତ୍ରଣା ଦେଉଛନ୍ତି। ଶେଷରେ ଅତିଷ୍ଠ ହୋଇ ଶିବାନୀ କୁଣ୍ଡେଇଗୋଳା ଥାନାରେ ଅଭିଯୋଗ କରିଛନ୍ତି। ପୁଲିସ ଫକୀର ବିରୋଧରେ ଯୌତୁକ ନିରୋଧ ଆଇନ ସମେତ ବିଭିନ୍ନ ଦଫାରେ ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଛି।

## ସ୍ୱାବଲମ୍ବୀ ପାଇଁ ବନ୍ଦୀଙ୍କୁ ଦକ୍ଷତା ବିକାଶ ତାଲିମ

**ଦେବଗଡ଼, ୨୮।୨(ସମିସ):** ଦେବଗଡ଼ ସ୍ୱତନ୍ତ୍ର ଉପ କାରାଗାରରେ ଜିଲ୍ଲା ଆଇନ ସେବା ପ୍ରାଧିକରଣ ପକ୍ଷରୁ ଏକ ଆଇନ ସଚେତନତା ଶିବିର ସହ କାରାଗାର ବନ୍ଦୀଙ୍କ ସ୍ୱାବଲମ୍ବୀ ଉଦ୍ଦେଶ୍ୟରେ ୮ ଦିନିଆ ଦକ୍ଷତା ବିକାଶ ଶିବିରର ଶୁଭାରମ୍ଭ ହୋଇଛି। ମାର୍ଚ୍ଚ ୪ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବାକୁ ଥିବା ଏହି ଶିବିରରେ ସ୍ୱତନ୍ତ୍ର ଉପ କାରାଗାରରେ ଥିବା ଅନ୍ତେବାସୀଙ୍କୁ ସେଣ୍ଟ୍ରାଲ ବ୍ୟାଙ୍କ ଆରସେଟି ପକ୍ଷରୁ ଫୁଲ ଚାଷ, ଛତୁ ଚାଷ, ପନିପରିବା ଚାଷ, ମହମବତୀ ତିଆରି ଓ ଧୂପ କାଠି ପ୍ରସ୍ତୁତ ସମ୍ପର୍କିତ ଶିକ୍ଷାଦାନ କରାଯିବ। ଏଥିରେ ୭୦ ଜଣ ବନ୍ଦୀ ଅଂଶ ଗ୍ରହଣ କରିଛନ୍ତି। ଜେଲ୍ ସୁପରିଣ୍ଟେଣ୍ଡେଣ୍ଟ ବିକାଶ ସାହୁଙ୍କ ଉପସ୍ଥିତିରେ ଏହି କାର୍ଯ୍ୟକ୍ରମ ଶୁଭାରମ୍ଭ ଅବସରରେ ଜିଲ୍ଲା ଆଇନ ସେବା ପ୍ରାଧିକରଣ ସମ୍ପାଦକ ଅପୂର୍ବ ଚୌଧୁରୀ, ଆରସେଟି ନିର୍ଦ୍ଦେଶକ ଏନ ମାରାଣ୍ଡି ଓ ଜିଲ୍ଲା ନିଯୋଜନ ଅଧିକାରୀ ବିଜୟକୁମାର ଉପାଧ୍ୟାୟ ପ୍ରମୁଖ ଉପସ୍ଥିତ ଥିଲେ।




## ବୈତାଳି କ୍ଲଷ୍ଟର୍‌ର ତିନି ବିଦ୍ୟାଳୟକୁ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର

**ଝାରବନ୍ଧ, ୨୭।୨(ସମିସ):** ଝାରବନ୍ଧ ବ୍ଲକ ବୈତାଳି କ୍ଲଷ୍ଟର ଶିକ୍ଷା କ୍ଷେତ୍ରରେ ଉଲ୍ଲେଖନୀୟ କାର୍ଯ୍ୟ ପାଇଁ ତିନୋଟି ବିଦ୍ୟାଳୟ ବୈତାଳି ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ଡୁମୁରିପାଣି ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଏବଂ ଫଂକ୍ରି ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟକୁ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ପାଇଛନ୍ତି। ବୈତାଳି ବିଦ୍ୟାଳୟ ପ୍ରଥମ ସ୍ଥାନ ଅଧିକାର କରିଥିବା ବେଳେ ଡୁମୁରିପାଣି ବିଦ୍ୟାଳୟ ଦ୍ୱିତୀୟ ଏବଂ ଫଂକ୍ରି ବିଦ୍ୟାଳୟ ତୃତୀୟ ସ୍ଥାନ ଅଧିକାର କରିଛି। ସୋହେଲାରେ ଆୟୋଜିତ ଜିଲ୍ଲାସ୍ତରୀୟ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ସମ୍ବର୍ଦ୍ଧନା ସଭାରେ ଉକ୍ତ ତିନୋଟି ବିଦ୍ୟାଳୟର ପ୍ରଧାନ ଶିକ୍ଷକଙ୍କୁ ଏକ ଲକ୍ଷ ଟଙ୍କାର ଆର୍ଥିକ ପୁରସ୍କାର ପ୍ରଦାନ କରାଯାଇଛି। ବୈତାଳି କ୍ଲଷ୍ଟରର ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ଦିବସ ସାହୁ ଶିକ୍ଷାର ଉନ୍ନତି ପାଇଁ ଅନେକ ସଂସ୍କାର ମୂଳକ ପଦକ୍ଷେପ ଗ୍ରହଣ କରିଆସୁଛନ୍ତି। ଫଳରେ ମୌଳିକ ଭିତ୍ତିଭୂମିର ବିକାଶ ହେବା ସହ ଉତ୍ସର୍ଗୀକୃତ ଭାବନା ଶିକ୍ଷାର ମାନ ବୃଦ୍ଧି କରୁଛି। ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ପାଇବାର ଖବର ପାଇବା ପରେ ବୈତାଳି ବିଦ୍ୟାଳୟ ପ୍ରଧାନ ଶିକ୍ଷକ ବିଶ୍ୱାମିତ୍ର ବାଗ, ଡୁମୁରିପାଣି ବିଦ୍ୟାଳୟର ପ୍ରଧାନଶିକ୍ଷକ ତରଣୀସେନ ପ୍ରଧାନ ଏବଂ ଫଂକ୍ରି ବିଦ୍ୟାଳୟର ପ୍ରଧାନଶିକ୍ଷକ ମହେନ୍ଦ୍ର ବାରିକଙ୍କୁ ସ୍ୱତନ୍ତ୍ର ସଭାରେ ସମ୍ବର୍ଦ୍ଧିତ କରିଛନ୍ତି। ଉକ୍ତ ପୁରସ୍କାର ପାଇଁ ପ୍ରତ୍ୟକ୍ଷ ମାର୍ଗଦର୍ଶନ କରିଥିବା ଝାରବନ୍ଧ ଗୋଷ୍ଠୀ ଶିକ୍ଷାଧିକାରୀ ଶୁଭମ ପତି, ପୂର୍ବତନ ଗୋଷ୍ଠୀ ଶିକ୍ଷାଧିକାରୀ ଚୁଡାମଣି ବାରିକ, ଜିଲ୍ଲା ଶିକ୍ଷା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନ ବରଗଡ଼ର ଅଧ୍ୟାପକ ବେଣୁଧର ବରିହା, ଅମଠି ସରପଞ୍ଚ ଲକ୍ଷେ ସିଂ ଥପା ତଥା ଉକ୍ତ ସଫଳତା ପଛରେ ଥିବା ସମସ୍ତ ବ୍ୟକ୍ତିବିଶେଷ ତଥା ଅନୁଷ୍ଠାନକୁ ସିଆରସିସି ଶ୍ରୀ ସାହୁ ଧନ୍ୟବାଦ ଅର୍ପଣ କରିଛନ୍ତି।



## ଗ୍ରାମୀଣ ଉତ୍ପାଦକ ଗୋଷ୍ଠୀଙ୍କ ଦ୍ରବ୍ୟର ପ୍ୟାକେଜିଂ ବିକାଶ କର୍ମଶାଳା

**ଦେବଗଡ଼, ୨୮।୨(ସମିସ):** ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ସମ୍ମିଳନୀ କକ୍ଷରେ ଓର୍‌ମାସ୍ ପକ୍ଷରୁ ସ୍ୱୟଂ ସହାୟକ ଗୋଷ୍ଠୀ ଓ ଉତ୍ପାଦକ ଗୋଷ୍ଠୀଙ୍କ ଦ୍ୱାରା ଉତ୍ପାଦିତ ଦ୍ରବ୍ୟର ପ୍ୟାକିଂ ଉପରେ ଦୁଇ ଦିନିଆ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଜିଲ୍ଲା ପରିଷଦ ମୁଖ୍ୟ କାର୍ଯ୍ୟ ନିର୍ବାହୀ ଅଧିକାରୀ ଧର୍ମାନନ୍ଦ ବେହେରା, ସମ୍ବଲପୁର ବିଶ୍ୱବିଦ୍ୟାଳୟ ପ୍ରଫେସର ପି.ସି ତ୍ରିପାଠୀ, ଜୀବିକା ମିଶନ ଜିଲ୍ଲା ପ୍ରକଳ୍ପ ପରିଚାଳିକା ସ୍ମରଣିକା ମହାପାତ୍ର, ଓର୍‌ମାସ୍ ଉପମୁଖ୍ୟ କାର୍ଯ୍ୟ ନିର୍ବାହୀ ଅଧିକାରୀ ରବୀନ୍ଦ୍ର ପ୍ରଧାନ, ଜିଲ୍ଲା ଶିଳ୍ପ କେନ୍ଦ୍ର ସାଧାରଣ ପରିଚାଳକ ରମେଶ ପଟେଲ ପ୍ରମୁଖ ଉପସ୍ଥିତ ଥିଲେ।

## ‘ଯୁବ ଶକ୍ତି ଦେଶର ସମ୍ବଳ’

**ଦେବଗଡ଼, ୨୮।୨(ସମିସ):** ଭାରତ ସରକାରଙ୍କ ଯୁବ ବ୍ୟାପାର ଓ କ୍ରୀଡ଼ା ମନ୍ତ୍ରଣାଳୟ ଅଧୀନ ନେହରୁ ଯୁବ କେନ୍ଦ୍ର ଆନୁକୂଲ୍ୟରେ ରିଆମାଳ ସ୍ନାତକ ମହାବିଦ୍ୟାଳୟ ପରିସରରେ ଜିଲ୍ଲାସ୍ତରୀୟ ପଡ଼ୋଶୀ ଯୁବ ସଂସଦ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ନେହରୁ ଯୁବ କେନ୍ଦ୍ରର ସଂଯୋଜକ ପ୍ରଦୀପ ବିଶ୍ୱାଳଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବିଧାୟକ ସୁବାସ ଚନ୍ଦ୍ର ପାଣିଗ୍ରାହୀ ଯୋଗଦେଇ ଯୁବ ଶକ୍ତି ଦେଶର ସମ୍ବଳ। ଏହାର ସଦ୍ ବିନିଯୋଗ ହେଲେ ଦେଶ ସଶକ୍ତ ହୋଇ ପାରିବ ବୋଲି ମତ ବ୍ୟକ୍ତ କରିଥିଲେ। ଯୁବ ସମାଜ ସକାରାତ୍ମକ ଭାବନା ସହିତ କାର୍ଯ୍ୟ କରି ସମାଜ ଗଠନ ଦିଗରେ ନିଜକୁ ସମର୍ପିତ କରିବା ପାଇଁ ସେ ଆହ୍ୱାନ ଦେଇଥିଲେ। ଅନ୍ୟତମ ଅତିଥି ଭାବରେ ରିଆମାଳ ସ୍ନାତକ ମହାବିଦ୍ୟାଳୟର ଅଧ୍ୟକ୍ଷ ଫକୀର ମୋହନ ସାହୁ, ରିଆମାଳ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷ ନିହାର ରଞ୍ଜନ ମହାନ୍ତି, ଶିଶୁ ମଙ୍ଗଳ ସମିତିର ସଭ୍ୟ କୁମୁଦଚନ୍ଦ୍ର ଶତପଥୀ, କୃଷି ଅଧିକାରୀ କ୍ଷେତ୍ରବାସୀ ପ୍ରଧାନ ପ୍ରମୁଖ ଯୋଗ ଦେଇଥିଲେ। ରଣଜିତ୍ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ। କୁମୁଦିନୀ ସାହୁ ସହଯୋଗ କରିଥିଲେ।




## ୭ମ ଭେଡେନ ପ୍ରିମିୟର କ୍ରିକେଟ: ଏସଡି ହିଟର୍ସ ବିଜୟୀ

**ଭେଡେନ, ୨୮।୨(ସମିସ):** ଭେଡେନ ରଞ୍ଜିତା ପଡିଆରେ ଚାଲୁଥିବା ପ୍ରିମିୟର ଲିଗରେ ବୁଧବାର ଏସଡି ହିଟର୍ସ ଓ କ୍ରେଜି ଷ୍ଟ୍ରାଇକର ମଧ୍ୟରେ ମ୍ୟାଚ ହୋଇଥିଲା। ଏସଡି ହିଟର୍ସ ପ୍ରଥମେ ବ୍ୟାଟିଂ କରି ୧୫ ଓଭରରେ ୪ ଉଇକେଟ ହରାଇ ୧୭୩ ରନ କରିଥିଲା ତାର ଜବାବରେ କ୍ରେଜି ଷ୍ଟ୍ରାଇକର ୧୪ ଓଭରରେ ସମସ୍ତ ଉଇକେଟ ହରାଇ ୧୨୫ ରନ କରି ୪୮ ରନରେ ପରାଜିତ ହୋଇଥିଲା। ଯୁବରାଜ ଡ଼ନସନା ୩୫ ରନ କରିବାସହ ୩ ଉଇକେଟ ନେଇ ମ୍ୟାନ ଅଫ ଦ ମ୍ୟାଚ ହୋଇଥିଲେ। ଅତିଥି ଭାବରେ ନେପାଳ ବେହେରା ଯୁବରାଜଙ୍କୁ ଟ୍ରଫି ପ୍ରଦାନ କରିଥିଲେ। ସୁଶାନ୍ତ ବିଶି, ମୁକ୍ତିରଞ୍ଜନ ବନଛୋର ଖେଳ ପରିଚାଳନା କରିଥିଲେ। ମହେନ୍ଦ୍ର ସେଟ ଧାରା ବିବରଣୀ ଓ ସୁଜୟ ମେହେର, ଏମଡି ରାଜୁ ସ୍କୋରର ଥିଲେ।




ବଜରଙ୍ଗ କ୍ରିକେଟ ପ୍ରତିଯୋଗିତା

## କ୍ୱାର୍ଟର ଫାଇନାଲରେ ବଜରଙ୍ଗ କ୍ରିକେଟ କ୍ଲବ୍

**ଦେବଗଡ଼, ୨୮।୨(ସମିସ)**

ଦେବଗଡ଼ ପୌରାଞ୍ଚଳ ମହୁଲଡିପା ସାହିର ନାଳ ପଡ଼ିଆରେ ମହାବୀର କ୍ଲବ ପକ୍ଷରୁ ଆରମ୍ଭ ହୋଇଥିବା ବଜରଙ୍ଗ କପ୍ କ୍ରିକେଟ ପ୍ରତିଯୋଗିତାର ଗ୍ରୁପ ବିର ପ୍ରଥମ ମ୍ୟାଚ ବଜରଙ୍ଗ କ୍ରିକେଟ କ୍ଲବ ଓ ପାଲଲହଡା ପ୍ରଗତି ସ୍ପୋର୍ଟିଂ ମଧ୍ୟରେ ଅନୁଷ୍ଠିତ ହୋଇଯାଇଛି। ବଜରଙ୍ଗ କ୍ରିକେଟ ଦଳ ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିବାର ନିଷ୍ପତ୍ତି ନେଇଥିଲା। ନିର୍ଦ୍ଧାରିତ ୧୫ ଓଭରରେ ଦଳ ୮ ୱିକେଟ ହରାଇ ୧୪୧ରନ୍ ସଂଗ୍ରହ କରିଥିଲା। ଜବାବରେ ପ୍ରଗତି ସ୍ପୋର୍ଟିଂ ୧୦.୫ ଓଭରରେ ପୂର୍ବରୁ ସମସ୍ତ ୱିକେଟ ହରାଇ ୮୮ ରନ୍ ସଂଗ୍ରହ କରିଥିଲା। ଏଥିସହ ମ୍ୟାଚରେ ବଜରଙ୍ଗ କ୍ରିକେଟ ଦଳ ୫୮ ରନ୍‌ର ବିଜୟୀ ହୋଇ କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛି।




ମୁକେଶ ଦଲାଇ ଓ ଦିଲ୍ଲୁ ଦାସଭାୟା ମ୍ୟାଚ୍ ପରିଚାଳନା କରିଥିଲେ। ରୁଦ୍ର ଭଞ୍ଜ ସ୍କୋରର ଦାୟିତ୍ୱ ତୁଲାଇଥିବା ବେଳେ ପରିତୋଷ ସାହୁ ଅନଲାଇନ ସ୍କୋରର ଦାୟିତ୍ୱ ତୁଲାଇଥିଲେ। ରଞ୍ଜନ ସାହୁ ଧାରା ବିବରଣୀ ପ୍ରଦାନ କରିଥିଲେ। କ୍ଲବର ଉପସଭାପତି ପ୍ରତିମ ବେହେରାଙ୍କ ସଂଯୋଜନାରେ ପୁରସ୍କାର ବିତରଣ କାର୍ଯ୍ୟକ୍ରମରେ ନିରଞ୍ଜନ ମହାରଣା, ଶଶାଙ୍କ ଶେଖର ଝାଙ୍କର, ଶାଶ୍ୱତ ନନ୍ଦ ଓ ଅରୁଣ ଭଞ୍ଜ ଯୋଗଦେଇ ବଜରଙ୍ଗ ଦଳର କାର୍ତ୍ତିକ ମହାକୁଳଙ୍କୁ ମ୍ୟାନ ଅଫ ଦି ମ୍ୟାଚ ପୁରସ୍କାର ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ କ୍ଲବର ସଭାପତି କାର୍ତ୍ତିକ ମହାକୁଳ, ସମ୍ପାଦକ ରାଜୀବ ଗଡ଼ନାୟକ, କୋଷାଧ୍ୟକ୍ଷ ସିପୁନ ଭଞ୍ଜ, ସହ କୋଷାଧ୍ୟକ୍ଷ ଆଲୋକ ମହାପାତ୍ରଙ୍କ ସମେତ କ୍ଲବର ସଦସ୍ୟମାନେ ସହଯୋଗ କରିଥିଲେ।

## ବଡ଼ବାହାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ

**ରିଆମାଳ, ୨୮।୨(ସମିସ):** ରିଆମାଳ ବ୍ଲକ ବଡ଼ବାହାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ସୁରେଖା ସାହାଣୀଙ୍କ ଅଧ୍ୟକ୍ଷତାରେ ଆୟୋଜିତ ବିଦ୍ୟାଳୟର ବାର୍ଷିକ ଉତ୍ସବରେ ବ୍ଲକ ଶିକ୍ଷା ଅଧିକାରୀ ରଣଜିତ୍ ଭୋଇ, ଅଧ୍ୟାପକ ଗୋଲବଦନ ବିଶ୍ୱାଳ, ଅତିରିକ୍ତ ବିଇଓ ଉମାକାନ୍ତ ପ୍ରଧାନ, ସଞ୍ଜୁକ୍ତା ସାମଲ, ବନିତା ବେହେରା, ସରପଞ୍ଚ ବୀଣାପାଣି ନାୟକ, ପୂର୍ବତନ ସରପଞ୍ଚ ତରଣୀସେନ ପ୍ରଧାନ, ପୂର୍ବତନ ସମିତି ସଭ୍ୟ ଗାନ୍ଧୀ ଚରଣ ନାୟକ, ବିଆର୍‌ସିସି ଘନଶ୍ୟାମ ସାହୁ, ୱାର୍ଡସଭ୍ୟ ସେବତୀ ବେହେରା, ଏମ୍‌ବିକେ ପଦ୍ମିନୀ ନାୟକ ପ୍ରମୁଖ ଅତିଥବ ଭାବେ ଯୋଗ ଦେଇଥିଲେ। ଏହି ଅବସରରେ ଛାତ୍ରଛାତ୍ରୀ ବିଭିନ୍ନ ପ୍ରତିଯୋଗିତାରେ ଭାଗନେଇ ପୁରସ୍କୃତ ହୋଇଥିଲେ। ପରେ ଛାତ୍ରଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଛାତ୍ରୀ ଉପମା ରାଉତ୍ ଗାୟତ୍ରୀ ବେହେରା, ଛାତ୍ର ସତ୍ୟଜିତ ବିଶ୍ୱାଳ, ରାନୁ ବେହେରା କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଶିକ୍ଷୟିତ୍ରୀ ରଞ୍ଜୁଲତା ସାହୁ, ଦମୟନ୍ତୀ ପ୍ରଧାନ, ଅନୁପମା ପ୍ରଧାନ ପ୍ରମୁଖ ପରିଚାଳନା କରିଥିଲେ। ପୁରାତନ ଛାତ୍ର ଗଣେଶ୍ୱର ବେହେରା, ନାରାୟଣ ବେହେରା, ମନୋଜ ବେହେରା, କୃଷ୍ଣଚନ୍ଦ୍ର ପାତ୍ର, ସୁଦାମ ବେହେରା, ରାଜେଶ ବେହେରା, କବି ବେହେରା, ଲିପୁନ ବେହେରା, ବୀର ନାଏକ, ନାରାୟଣ ବେହେରା, ଅଚ୍ୟୁତ ବେହେରା, ତପନ ନାୟକ, ମଧୁସୂଦନ ବେହେରା, ଚନ୍ଦନ ବେହେରା, ଗୌରାଙ୍ଗ ବେହେରା ପ୍ରମୁଖ ଉପସ୍ଥିତ ଥିଲେ।



## ପୁଲିସକୁ ଦେଖି ଖସିଗଲେ ୩ ଗଞ୍ଜେଇ ବ୍ୟବସାୟୀ

**ମନମୁଣ୍ଡା, ୨୮ ।୨(ସମିସ):** ମନମୁଣ୍ଡା ପୁଲିସ ଘରେଲମୁଣ୍ଡାରୁ ୬୧୭ କେଜି ଗଞ୍ଜେଇ ଜବତ କରିଛି । ବୁଧବାର ରାତିରେ ବୌଦ୍ଧ ଏସ୍‌ପି ରାଜ ପ୍ରସାଦ ସାମ୍ବାଦିକ ସମ୍ମିଳନୀ କରି ଏହି ସୂଚନା ଦେଇଛନ୍ତି । ମନମୁଣ୍ଡା ଥାନା ପରିସରରେ ଆୟୋଜିତ ଏହି ସାମ୍ବାଦିକ ସମ୍ମିଳନୀରେ ରାଜ ପ୍ରସାଦ ସୂଚନା ଦେଇଛନ୍ତି ଯେ, ଦକ୍ଷ ନାୟକ, ଅକ୍ଷୟ ନାୟକ ଓ ବଡଲକ୍ଷ ନାୟକ ଘରୁ ଏହି ଗଞ୍ଜେଇ ଜବତ କରାଯାଇଛି । ପୁଲିସକୁ ଦେଖି ୩ ଅଭିଯୁକ୍ତ ଫେରାର ହୋଇଯାଇଛନ୍ତି । ଅଭିଯୁକ୍ତଙ୍କୁ ଖୁବ ଶୀଘ୍ର ଗିରଫ କରାଯିବ ବୋଲି ଏସପି କହିଛନ୍ତି । ଏହି ସାମ୍ବାଦିକ ସମ୍ମିଳନୀରେ ଏସ୍‌ଡିପିଓ କୁଳଦୀପ ମିନାଙ୍କ ସମେତ ଅନ୍ୟ ଅଧିକାରୀମାନେ ଉପସ୍ଥିତ ଥିଲେ ।

## ଇଣ୍ଡିଆନ ବ୍ୟାଙ୍କରେ କର୍ମଚାରୀ ଅଭାବ

**ଶଗଡ଼ା, ୨୮ ।୨(ସମିସ):** ବୌଦ୍ଧ ଜିଲ୍ଲା ମନମୁଣ୍ଡା ଇଣ୍ଡିଆନ ବ୍ୟାଙ୍କ ଶାଖାରେ ଆବଶ୍ୟକ କର୍ମଚାରୀ ନାହାନ୍ତି । ଏଣୁ କର୍ମଚାରୀଙ୍କ ଉପରେ କାମ ଚାପ ପଡୁଛି । ଏଥିଯୋଗୁ ବ୍ୟାଙ୍କରେ ଗ୍ରାହକଙ୍କ ଲମ୍ବା ଲାଇନ୍ ଦେଖିବାକୁ ମିଳିଛି । ସାମାନ୍ୟ ଟଙ୍କା ଉଠାଣ ପାଇଁ ମଧ ଗ୍ରାହକଙ୍କୁ ଘଣ୍ଟା ଘଣ୍ଟା ସମୟ ଲାଗୁଛି । ଅନ୍ୟପଟେ ବ୍ୟାଙ୍କରେ ଦୀର୍ଘ ବର୍ଷ ହେବ ପାସ୍‌ବହି ପ୍ରିଣ୍ଟ ହେଉଥିବା ମେସିନ ଅଚଳ ହୋଇ ପଡ଼ି ରହିଛି ।

## ବଡ଼ବାହାଲରେ ଫସଲ ବିବିଧିକରଣ କାର୍ଯ୍ୟକ୍ରମ

**ଦେଓଗାଁ, ୨୮ ।୨(ସମିସ):** ଦେଓଗାଁ ବ୍ଲକ ବଡବାହାଲ ପଞ୍ଚାୟତ କାର୍ଯ୍ୟାଳୟରେ ବୃହତ ଉଠାଜଳସେଚନ ପ୍ରକଳ୍ପରେ ଫସଲ ବିବିଧିକରଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଆରସିଡିସିର ବ୍ଲକ ସଂଯୋଜକ ବିଶ୍ୱବାସ କର୍ମୀଙ୍କ ସଂଯୋଜନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଆରସିଡିସିର ରିଜିଓନାଲ ମ୍ୟାନେଜର ଶମ୍ଭୁଭୂଷଣ ସାହୁ ଯୋଗ ଦେଇଥିଲେ । ଜୈବିକ ପଦ୍ଧତିରେ କୃଷିର ଉପାଦେୟତା ଉପରେ ମଧ ଚାଷୀଙ୍କୁ ସଚେତନ କରାଯାଇଥିଲା । ସମ୍ମାନିତ ଅତିଥିଭାବେ ସହକାରୀ କୃଷି ଅଧିକାରୀ ରୋହନ ଭୋଇ, ଗ୍ରାମ୍ୟ କୃଷିକର୍ମୀ ରଞ୍ଜିତ କରୁଆଁ ପ୍ରମୁଖ ଉପସ୍ଥିତ ଥିଲେ । ଶିବିରରେ ଶୁଳିଆବୁଢ଼ା ଫାର୍ମର ପ୍ରଡ୍ୟୁସର କମ୍ପାନୀର କର୍ମକର୍ତ୍ତା, ଅର୍ଜୁନପୁର, ସିଙ୍ଗାଟିମାଲ ଓ ବଡବାହାଲରେ ଥିବା କମ୍ୟୁନିଟି ବେସଡ ଅର୍ଗାନାଇଜେସନର କର୍ମକର୍ତ୍ତା ତଥା ବଡବାହାଲ, ଅର୍ଜୁନପୁର ଓ କୁଲୁତାପଡ଼ା ପଞ୍ଚାୟତର ଚାଷୀମାନେ ଯୋଗ ଦେଇଥିଲେ ।

## ଶିକ୍ଷକଙ୍କୁ ଅବସରକାଳୀନ ବିଦାୟ ସମ୍ବର୍ଦ୍ଧନା

**ଡୁଙ୍ଗୁରିପାଲି, ୨୮ ।୨(ସମିସ):** ସୋନପୁର ଜିଲ୍ଲା ଡୁଙ୍ଗୁରିପାଲି ବ୍ଲକ ଗମ୍ଭାରୀପାଲି ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଶିକ୍ଷକ ଇନ୍ଦ୍ରଜିତ ସାହୁଙ୍କୁ ସ୍କୁଲ ପରିଚାଳନା କମିଟି, ମୋ ସ୍କୁଲ ଅଭିମାନ କମିଟି, ଶିକ୍ଷକ ଶିକ୍ଷୟିତ୍ରୀ ଓ ଛାତ୍ରଛାତ୍ରୀ ଅବସର କାଳୀନ ସମ୍ବର୍ଦ୍ଧନା ଦେଇଛନ୍ତି । ଏହି ସମ୍ବର୍ଦ୍ଧନା ସଭାରେ ଅତିଥି ଭାବେ ସାମ୍ବାଦିକ ସୁଦାମା ସାହୁ, ସ୍କୁଲ ପରିଚାଳନା କମିଟି ସଭାପତି ଝିଲ୍ଲିରାଣୀ ସାହୁ, ଦଳ ବିଶି, ବାଲେଶ୍ୱର ବେହେରା, ଧନପତି ବେହେରା, ରାଜେଶ କଲେତ, ନେପୁର ବରିହା, ଦେବକୀ ବାଗ, ମୋ ସ୍କୁଲ ଅଭିମାନ ସଭାପତି ଜଗନ୍ନାଥ ପୂଜାରୀ, ଶିକ୍ଷକ ଅଶୋକ ସାହୁ, ସସ୍ମିତା ମେହେର, ନିତ୍ୟାନନ୍ଦ ଦୀପ, ଯୋଶନା ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ ।

# ପ୍ରେମିକାକୁ ହତ୍ୟା ଅଭିଯୋଗରେ ପ୍ରେମିକ ଗିରଫ

**ବୀରମହାରାଜପୁର, ୨୮ ।୨(ସମିସ)**

ସୁବର୍ଣ୍ଣପୁର ଜିଲ୍ଲା ବୀରମହାରାଜପୁର ଥାନା କେନଝିରିଆପାଲି ପଞ୍ଚାୟତ ବଲିପାଲିରେ ପ୍ରେମିକାକୁ ହତ୍ୟା ଅଭିଯୋଗରେ ପୁଲିସ ଜଣେ ଯୁବକକୁ ଗିରଫ କରିଛି । ଗିରଫ ଯୁବକ ଜଣକ ହେଉଛି ସେହି ଗ୍ରାମର ଲିଙ୍ଗରାଜ ଦେହୁରୀ (୨୪) । ଜାମିନ ନାମଞ୍ଜୁର ହେବାରୁ ତାକୁ ଜେଲ୍‌କୁ ପଠାଇ ଦିଆ ଯାଇଛି । ସମ୍ବଲପୁର ଜିଲ୍ଲା କତରବଗା ଥାନା ଲାଉବହାଲ ଗ୍ରାମର କୁଳମଣି ପଟଣିଆଁଙ୍କ ସାନ ଝିଅ ମନ୍ଦାକିନୀ ପଟନିଆଁ (୨୪)ଙ୍କ ସହ ଲିଙ୍ଗରାଜର ଦୀର୍ଘ ଦିନ ହେଲା ପ୍ରେମ ସମ୍ପର୍କ ଥିଲା । ଯୁବତୀ ଜଣକ ଅନ୍ୟ ଜଣେ ଯୁବକଙ୍କ ସହିତ କଥା ବାର୍ତ୍ତା ହେଉଥିବା ସନ୍ଦେହ କରି ଲିଙ୍ଗରାଜ ତାଙ୍କ ଘରକୁ ଡାକିଥିଲା । ଯୁବତୀ ଜଣକ ବସ୍ ଯୋଗେ ଆସି ଗତ ଶନିବାର ସନ୍ଧ୍ୟାରେ ଲୁତୁରପଙ୍କସ୍ଥିତ ଗୋହିରା ଛକରେ ଓହ୍ଲାଇଥିଲେ । ଲିଙ୍ଗରାଜ ତାଙ୍କୁ ସେଠାରୁ ସାଇକଲରେ ନେଇଥିଲା । ଉଭୟଙ୍କ ମଧ୍ୟରେ ବାଟରେ ଯୁକ୍ତିତର୍କ ହୋଇଥିଲା ।



ଲିଙ୍ଗରାଜ ଉତ୍କ୍ଷିପ୍ତ ହୋଇ ଯୁବତୀଙ୍କ ଓଡଣୀରେ ହିଁ ତାଙ୍କ ତଣ୍ଟି ଚିପି ହତ୍ୟା କରିଥିଲା । ପ୍ରମାଣ ନଷ୍ଟ ପାଇଁ ଏକ ଗଛରେ ଟାଙ୍ଗି ଦେଇଥିଲା । ଏହାପରେ ଘରକୁ ଆସି ପେଟ୍ରୋଲ ନେଇ ଜାଳି ଦେଇଥିଲା । ହୀରାପାଲି ନିକଟରେ ଏକ ଜମିରେ ଅର୍ଦ୍ଧଦଗ୍ଧ ମୃତଦେହ ପଡ଼ିଥିବା ଦେଖି ଲୋକେ ପୁଲିସକୁ ଖବର ଦେଇଥିଲେ । ପୁଲିସ ପହଞ୍ଚି ମୃତଦେହ ଚିହ୍ନଟ କରିଥିଲା । ଯୁବତୀଙ୍କ ପରିବାର ଲୋକଙ୍କ ଅଭିଯୋଗ ଆଧାରରେ ପୁଲିସ ମାମଲା ରୁଜୁ କରି ତଦନ୍ତ କରିଥିଲା । ଶେଷରେ ଲିଙ୍ଗରାଜକୁ ଅଟକ ରଖି ପରେ ଗିରଫ କରିଥିଲା ।

## ବିଡିସିସି ବ୍ୟାଙ୍କ ସଭାପତିଙ୍କ ବୀରମହାରାଜପୁର ଗସ୍ତ

**ବୀରମହାରାଜପୁର, ୨୮ ।୨ (ସମିସ):** ବଲାଙ୍ଗୀର ଜିଲ୍ଲା କୋ ଅପରେଟିଭ ସୋସାଇଟି ବ୍ୟାଙ୍କର ସଭାପତି ସ୍ମାରକ ରଞ୍ଜନ ମିଶ୍ର ବୀରମହାରାଜପୁର ଗସ୍ତରେ ଆସି କୃଷି ଓ କୃଷକଙ୍କ ବିଭିନ୍ନ ସମସ୍ୟା ବୁଝିଛନ୍ତି । ଆସନ୍ତା ରବି ଫସଲ ଋଣ ପ୍ରଦାନ, ଖରିଫ ଫସଲରେ ପ୍ରଦାନ କରାଯାଇଥିବା ଋଣ ଫେରସ୍ତ ବିଷୟରେ ଅବଗତ ହେବା ସହ ଠିକ ସମୟରେ ଚାଷୀଙ୍କୁ ସାର ଓ କୀଟନାଶକ ପ୍ରଦାନ କରାଯିବାକୁ ପରାମର୍ଶ ଦେଇଛନ୍ତି । ସେ ତରଭା, ସୋନପୁର, ବିନିକା, ରାମପୁର, ଡୁଙ୍ଗୁରିପାଲି ପ୍ରଭୃତି ଅଞ୍ଚଳ ପରିଦର୍ଶନ କରିଥିଲେ ।



ବୀରମହାରାଜପୁର ବିଡିସିସି ବ୍ୟାଙ୍କ କୋଠା ସ୍ଥାନାନ୍ତର ହେବାକୁ ଥିବାବେଳେ ନୂତନ କୋଠାର ଆନୁସଙ୍ଗିକ ବ୍ୟବସ୍ଥା ବୁଲି ଦେଖିଥିଲେ । ବୀରମହାରାଜପୁର ବିଡିସିସି ବ୍ୟାଙ୍କର ଶାଖା ପରିଚାଳକ ରଞ୍ଜନ ଦାଶ, ହିଲୁଙ୍ଗ ସେବାସମବାୟ ସମିତି ସମ୍ପାଦକ ହାରାଧନ ବେହେରା ପ୍ରମୁଖ ଉପସ୍ଥିତ ଥିଲେ ।

# ଯକ୍ଷ୍ମାରୋଗୀଙ୍କୁ ପୋଷଣଯୁକ୍ତ ଖାଦ୍ୟ ପ୍ୟାକେଟ ବଣ୍ଟନ

**ଡୁଙ୍ଗୁରିପାଲି, ୨୮ ।୨(ସମିସ):** ଡୁଙ୍ଗୁରିପାଲିର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ସଭାଗୃହରେ ଯକ୍ଷ୍ମାମୁକ୍ତ ଭାରତ ଅଭିଯାନରେ ଯକ୍ଷ୍ମା ରୋଗୀଙ୍କୁ ଟାଟା ପାୱାର




ଲିମିଟେଡ ଦ୍ୱାରା ପୋଷଣଯୁକ୍ତ ଖାଦ୍ୟ ପ୍ୟାକେଟ ବଣ୍ଟନ କରାଯାଇଥିଲା । ଏହି ଉପଲକ୍ଷେ ଅଧୀକ୍ଷକ ଡା ରବୀନ୍ଦ୍ରନାଥ ପଣ୍ଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ବରିଷ୍ଠ ଭେଷଜ ବିଶେଷଜ୍ଞ ଡା ସଞ୍ଜୟ ପଧାନ ଯୋଗଦେଇ ସୁସ୍ଥ ଶରୀର ପାଇଁ ଆବଶ୍ୟକ ପୋଷଣ ବିଶେଷତଃ ଯକ୍ଷ୍ମା ରୋଗୀଙ୍କ ପାଇଁ ନିଜ ପାଖରେ ଉପଲବ୍ଧ ସୁଷମ ଖାଦ୍ୟ ଓ ଏହାର ଉପକାରିତା ବିଷୟରେ ଆଲୋଚନା କରିଥିଲେ । ଟାଟା ପାୱାର ଲିମିଟେଡ ରୁ କର୍ମଚାରୀ ଧନଞ୍ଜୟ ପଧାନ ଟାଟା ପାୱାର ଦ୍ୱାରା ଯୋଗାଇଦିଆଯାଉଥିବା ବିଭିନ୍ନ ସମାଜସେବା ମୂଳକ ପଦକ୍ଷେପ ବିଷୟରେ ଆଲୋକପାତ କରିଥିଲେ । ଟାଟା ପାୱାର ଲିମିଟେଡ, ସୋନପୁରର ସହକାରୀ ଯନ୍ତ୍ରୀ ଅଶୋକ ମିଶ୍ର ତାଙ୍କ ବକ୍ତବ୍ୟରେ କହିଥିଲେ ଯେ ଯକ୍ଷ୍ମା ରୋଗୀଙ୍କୁ ପୋଷଣ ଯୋଗାଇ ଉତ୍ତମ ସ୍ୱାସ୍ଥ୍ୟ ଗଠନ କରିବା ହିଁ ଏକମାତ୍ର ଲକ୍ଷ୍ୟ । ଏଭଳି ମହତ୍ କାର୍ଯ୍ୟ ପାଇଁ ସୁଯୋଗ ଦେଇଥିବାରୁ ସେ ସ୍ୱାସ୍ଥ୍ୟ କେନ୍ଦ୍ରର ଅଧୀକ୍ଷକ ଓ ସମସ୍ତ ଅଧିକାରୀଙ୍କୁ ଧନ୍ୟବାଦ ଜ୍ଞାପନ କରିଥିଲେ । ଏହି କାର୍ଯ୍ୟକ୍ରମରେ ଜନସ୍ୱାସ୍ଥ୍ୟ ସମ୍ପ୍ରସାରଣ ଅଧିକାରୀ ଶେଷଦେବ ଥନାପତି, ବିତ୍ତ ପରିଚାଳକ ପ୍ରଦୀପ ସାହୁ, ଟାଟା ପାୱାର ଚେରୁପାଲିର କନିଷ୍ଠ ଯନ୍ତ୍ରୀ ଧରମବୀର ସାହୁ, ସିଦ୍ଧାର୍ଥ ପଟେଲ ପ୍ରମୁଖ ଉପସ୍ଥିତ ଥିଲେ । ଜାତୀୟ ଯକ୍ଷ୍ମା ନିର୍ମୂଳିକରଣ କାର୍ଯ୍ୟକ୍ରମର ପରିଦର୍ଶକ କୁମୁଦ ବଲ୍ଲଭ ନାୟକ ଓ ସୌମ୍ୟରଞ୍ଜନ ମେହେର କାର୍ଯ୍ୟକ୍ରମ ପରିଚାଳନା କରିଥିଲାବେଳେ ଡା ଆଲୋକ ରଞ୍ଜନ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ ।

## ୨୦ ବର୍ଷ ପରେ ଘରକୁ ଫେରିଲେ ନିଖୋଜ ରୁଦ୍ର

**ତୁଷୁରା, ୨୮ ।୨ (ସମିସ):** ତୁଷୁରାସ୍ଥିତ ରୁଦ୍ର ସରଭଙ୍ଗିଆ (୪୮) କୌଣସି କାରଣରୁ ୨୦୦୩ରେ କାହାକୁ କିଛି ନ କହି ଘରୁ କୁଆଡେ ପଳାଇ ଯାଇଥିଲେ । ଘରେ ତାଙ୍କର ବୃଦ୍ଧା ପିତା-ମାତା ଖୋଜିଖୋଜି କରି ପାଇ ନଥିଲେ । ଶେଷରେ ନ ପାଇବାରୁ ତାଙ୍କର ପୁଅ ବାପା ଏ ଦୁନିଆଁରେ ନାହିଁ ବୋଲି ଆଶା ଛାଡ଼ିଦେଇ ଥିଲେ; କିନ୍ତୁ ଦୀର୍ଘ ୨୦ ବର୍ଷ ପରେ ବୁଧବାର ଦିନ ୧୧ଟା ସମୟରେ ଆନ୍ଧ୍ରା ହସ୍ପିଟାଲର ଜଣେ କର୍ମଚାରୀ ରୁଦ୍ରଙ୍କୁ ଏବଂ ରୁଦ୍ର ଖାଉଥିବା ଔଷଧ ଧରି ଘରେ ପହଞ୍ଚିଥିଲେ । ଘରେ ତାଙ୍କର ବୃଦ୍ଧା ପିତାମାତା ରୁଦ୍ରଙ୍କୁ ଚିହ୍ନି ପାରି ନଥିଲେ । କାରଣ ରୁଦ୍ର ବର୍ତ୍ତମାନ କୌଣସି କାରଣରୁ ଠିକ ସେ କଥା ବାର୍ତ୍ତା କହି ନପାରି ଭିନ୍ନକ୍ଷମ ହୋଇଯାଇଛନ୍ତି । ଦୀର୍ଘ ୨ ବର୍ଷ ପର୍ଯ୍ୟନ୍ତ ଆନ୍ଧ୍ରାର କୌଣସି ଗୋଟିଏ ହସ୍ପିଟାଲରେ ଚିକିତ୍ସିତ ହୋଇଥିଲେ । ହସ୍ପିଟାଲ କର୍ତ୍ତୃପକ୍ଷଙ୍କୁ ନିଜର ପରିଚୟ କିଛିଦିନ ଆଗରୁ ଦେଇପାରିବାରୁ ହସ୍ପିଟାଲ କର୍ତ୍ତୃପକ୍ଷ ଆଣି ଘରେ ଛାଡ଼ିଦେଇ ଯାଇଛନ୍ତି । ବର୍ତ୍ତମାନ ରୁଦ୍ର ଜଣେ ଭିନ୍ନକ୍ଷମ ହୋଇଯାଇଥିବାରୁ ବୃଦ୍ଧା ପିତା-ମାତାଙ୍କ ବୋଝ ହୋଇଯିବେ ସେଥିପାଇଁ




ତୁଷୁରା ପ୍ରଶାସନ ତରଫରୁ ରୁଦ୍ରଙ୍କ ଭିନ୍ନକ୍ଷମ ପରିଚୟପତ୍ର ଏବଂ ରାସନ କାର୍ଡର ବ୍ୟବସ୍ଥା କଲେ ଭଲ ହୁଅନ୍ତା ବୋଲି ବୃଦ୍ଧା ପିତାମାତା କୋହଭରା କଣ୍ଠରେ କହିଛନ୍ତି ।

## କେନ୍ଦ୍ରୀୟ ବିଦ୍ୟାଳୟର ପରିଚାଳନା ପରିଷଦ ବୈଠକ

**ସୋନପୁର, ୨୮ ।୨(ସମିସ):** ସୁବର୍ଣ୍ଣପୁର କେନ୍ଦ୍ରୀୟ ବିଦ୍ୟାଳୟର ପରିଚାଳନା ପରିଷଦ ବୈଠକ ଅନୁଷ୍ଠିତ ହୋଇଛି । ଅତିରିକ୍ତ ଜିଲ୍ଲାପାଳ ଅଞ୍ଜଳିନା ପ୍ରଧାନଙ୍କ ପୌରୋହିତ୍ୟରେ ଆୟୋଜିତ ଏହି ବୈଠକରେ ବିଦ୍ୟାଳୟର ଭିତ୍ତିଭୂମି, ସୁରକ୍ଷା, ଅଧ୍ୟାପନା, ଉପକରଣ ଯୋଗାଣ, ସଙ୍ଗୀତ ଶିକ୍ଷା ପାଇଁ ଆବଶ୍ୟକ ଉପକରଣ, ଅସ୍ଥାୟୀ ଶିକ୍ଷକଶିକ୍ଷୟିତ୍ରୀ ନିଯୁକ୍ତି, ବାର୍ଷିକୋତ୍ସବ ପାଳନ ଆଦି ସମ୍ପର୍କରେ ଆଲୋଚନା କରାଯାଇଥିଲା । ବୈଠକରେ ଉପସ୍ଥିତ ଅଭିଭାବକମାନେ ତାଙ୍କର ସୁଚିନ୍ତିତ ମତାମତ ଉପସ୍ଥାପନ କରିଥିଲେ । ବିଦ୍ୟାଳୟର ଅଧ୍ୟକ୍ଷ ଅଭିଭାବକମାନଙ୍କ ମତାମତ ଉପରେ ଧ୍ୟାନ ଦେଇ ବିଦ୍ୟାଳୟ ପରିଚାଳନା କରିବା ପାଇଁ ପ୍ରତିଶ୍ରୁତି ଦେଇଛନ୍ତି । ନୂତନ ଅଧ୍ୟକ୍ଷ ବଳରାମ ମିଶ୍ର ଯୋଗ ଦେବା ପରେ ଛାତ୍ରଛାତ୍ରୀଙ୍କ ଅଧ୍ୟୟନ ଉପରେ ଅଭିଭାବକମାନେ ସନ୍ତୋଷ ପ୍ରକାଶ କରିଥିଲେ । ଏହି ବୈଠକରେ ଜିଲ୍ଲା ପରିଷଦ ସିଡିଓ ଅଶ୍ୱିନୀ ମେହେର, ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ ମଞ୍ଜୁଲତା ଭୋଇ, ଡେପୁଟି କଲେକ୍ଟର ସାୟନ୍ତିକା ଶୁଭଲକ୍ଷ୍ମୀ, ସ୍କୁଲର ଶିକ୍ଷକ ଶିକ୍ଷୟିତ୍ରୀ, ଅଭିଭାବକ ଏବଂ ଶିକ୍ଷା ବିଭାଗର କର୍ମଚାରୀ ଉପସ୍ଥିତ ଥିଲେ ।

## ବୌଦ୍ଧରେ କୁନି ପ୍ରବଚକ କେଶବ ଦାସ

**ବୌଦ୍ଧ, ୨୮ ।୨(ସମିସ):** କୁନି ପ୍ରବଚକ କେଶବ ଦାସ ବୌଦ୍ଧ ମହାନଦୀ ଆଳତୀରେ ଯୋଗ ଦେଇଛନ୍ତି । ମିନୁପ୍ରସାଦ ମିଶ୍ର ଓ ସୂର୍ଯ୍ୟେନ୍ଦ୍ର ଶତପଥୀ ପୂଜା କାର୍ଯ୍ୟ କରିଥିଲେ । ଭଜନ କୀର୍ତ୍ତନ ମାଧ୍ୟମରେ ଶତାଧିକ ଭକ୍ତ ମହାନଦୀକୁ ଭବ୍ୟ ଆଳତୀ ପ୍ରଦାନ କରିଥିଲେ । ବ୍ରହ୍ମଚାରୀ ଆଦିତ୍ୟ ଦାସ, ତୃପ୍ତିରଞ୍ଜନ ଦାନୀ, ସୂର୍ଯ୍ୟନାରାୟଣ ପଣ୍ଡା, ସୌମ୍ୟରଞ୍ଜନ ପୁରୋହିତ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । କୁନି ପ୍ରବଚକଙ୍କୁ ମହାନଦୀ ଆଳତୀ ଘାଟରୁ ନଗର କୀର୍ତ୍ତନ କରି ରାମେଶ୍ୱର ମନ୍ଦିରକୁ ଅଣାଯାଇଥିଲା । ରାମେଶ୍ୱର ମନ୍ଦିରରେ ସୁନ୍ଦରକାଣ୍ଡ ପାରାୟଣ ଓ ରାମାୟଣ ପାରାୟଣ କମିଟି, ମାଳିସାହି ତରଫରୁ ଅନୁଷ୍ଠିତ ପାଞ୍ଚ ଦିବସୀୟ ଆଧ୍ୟାତ୍ମିକ କାର୍ଯ୍ୟକ୍ରମରେ ପୂଜକ ଦତ୍ତାତ୍ରୟ ମିଶ୍ର ନୀତିକାନ୍ତି କରିଥିବା ବେଳେ କର୍ତ୍ତା ଭାବେ ପ୍ରତାପ ସାହୁ ଓ ତାଙ୍କ ପତ୍ନୀ ନମ୍ରତା ସାହୁ ଦାୟିତ୍ୱ ନିର୍ବାହ କରିଥିଲେ । ଗାୟକ ପଣ୍ଡିତ ସଚ୍ଚିଦାନନ୍ଦ ପଣ୍ଡା ସୁନ୍ଦରାକାଣ୍ଡ ପାଠ କରିଥିଲେ । କେଦାରନାଥ ପାତ୍ର, ରଞ୍ଜିତ ରଞ୍ଜନ ପ୍ରସାଦ ହୋତା, ସିଦ୍ଧେଶ୍ୱର ଯୋଶୀ, ଅମର ପାଣୁଆ, ସନ୍ତୋଷ ବେହେରା ପରିଚାଳନା କରିଥିଲେ ।

## ବୁଣାକାରଙ୍କୁ ଦକ୍ଷତା ବୃଦ୍ଧି ତାଲିମ

**ମନମୁଣ୍ଡା, ୨୮ ।୨(ସମିସ):** ବୌଦ୍ଧ ଜିଲା ମନମୁଣ୍ଡା ପଞ୍ଚାୟତ ଭୂର୍କିପଡ଼ା ଗ୍ରାମରେ ବୁଣାକାରଙ୍କୁ ସ୍ୱାବଲମ୍ବୀ କରିବା ପାଇଁ ଦକ୍ଷତା ବୃଦ୍ଧି ପ୍ରଶିକ୍ଷଣ ଶିବିର ଉଦ୍‌ଘାଟିତ ହୋଇଛି । ରାଜ୍ୟ ବୟନିକା ସଭାପତି ପ୍ରକାଶ ଚନ୍ଦ୍ର ମେହେର ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଏହାକୁ ଉଦ୍‌ଘାଟନ କରିଥିଲେ । ଏଥିରେ ସମ୍ମାନିତ ଅତିଥି ଭାବେ ଏଡିଟି ବିନାୟକ ପୃଷ୍ଟି, ରାଷ୍ଟ୍ରୀୟ ପୁରସ୍କାର ପ୍ରାପ୍ତ ବୁଣାକାର କୌସ୍ତୁଭ ମେହେର, ମନମୁଣ୍ଡା ଭୁଲିଆ ସମାଜ ସଭାପତି ପଙ୍କଜ ମେହେର, କଣ୍ଢମାଳ ସାମ୍ବାଦିକ ସଂଘ (ସାସକ) ସଭାପତି ବୈଦ୍ୟନାଥ ହୋତା ପ୍ରମୁଖ ଯୋଗ ଦେଇଥିଲେ । ରାଜ୍ୟ ସରକାରଙ୍କ ବୟନ ଓ ହସ୍ତଶିଳ୍ପ ବିଭାଗ ପକ୍ଷରୁ ହସ୍ତତନ୍ତ ଶିଳ୍ପ ବିକାଶ ଯୋଜନା ମାଧ୍ୟମରେ ୨୦ ଜଣ ପୁରୁଷ ଓ ମହିଳା ବୁଣାକାରଙ୍କୁ ସ୍ୱତନ୍ତ୍ର ତାଲିମ ଦିଆଯିବ । ବଲାଙ୍ଗୀର ଜିଲ୍ଲା ରେଙ୍ଗାଲି (ଆଗଲପୁର) ଅଞ୍ଚଳର ଖ୍ୟାତନାମା ସ୍ୱତନ୍ତ୍ର ତାଲିମପ୍ରାପ୍ତ ବୁଣାକାର ଅଶୋକ ମେହେର ୬ ମାସ ତାଲିମ ପ୍ରଦାନ କରିବେ । ତାଲିମ ଗ୍ରହଣକାରୀ ପ୍ରତ୍ୟେକଙ୍କୁ ମାସିକ ୬ ହଜାର ଟଙ୍କା ପ୍ରଦାନ କରାଯିବ । ତାଲିମ ଗ୍ରହଣ ପରେ ବିନା ସୁଧରେ ଋଣ, ମାଗଣା ମଙ୍ଗା ସହ ଅନ୍ୟାନ୍ୟ ସମସ୍ତ ଆନୁଷଙ୍ଗିକ ସୁବିଧା ସୁଯୋଗ ପ୍ରଦାନ କରାଯିବ । ହସ୍ତତନ୍ତ ଶିଳ୍ପର ବିକାଶ ପାଇଁ ମୁଖ୍ୟମନ୍ତ୍ରୀଙ୍କ ଇଚ୍ଛା ରହିଛି । ପୂର୍ବରୁ ବୌଦ୍ଧ ଜିଲ୍ଲାରେ କେବଳ ଭୁଲିଆମାନେ ଲୁଗା ବୁଣୁ ଥିଲେ । ଅନ୍ୟ ଜାତିର ଲୋକମାନେ କିପରି ଏହି ବୃତ୍ତି ଆପଣେଇ ସ୍ୱାବଲମ୍ବୀ ହୋଇପାରିବେ ସେଥିପାଇଁ ଉଦ୍ୟମ କରାଯାଉଛି । ଟୁନି ମେହେର ଅତିଥି ପରିଚୟ ଦେଇ ଲକ୍ଷ୍ୟ ଓ ଉଦ୍ଦେଶ୍ୟ ସମ୍ପର୍କରେ କହିବା ସହ କାର୍ଯ୍ୟକ୍ରମ ପରିଚାଳନା କରିବା ପୂର୍ବକ ଧନ୍ୟବାଦ ଅର୍ପଣ କରିଥିଲେ ।

## ସାମ୍ବାଦିକ ସଂଘର କର୍ମକର୍ତ୍ତା ମନୋନୟନ

**ମନମୁଣ୍ଡା, ୨୮ ।୨(ସମିସ):** ମନମୁଣ୍ଡା ସୁପର ମାର୍କେଟ କମ୍ପ୍ଲେକ୍ସରେ ସାମ୍ବାଦିକ ସଂଘ, କଣ୍ଢମାଳ(ସାସକ)ର ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି । ବରିଷ୍ଠ ସାମ୍ବାଦିକ ବୈଦ୍ୟନାଥ ହୋତାଙ୍କ ଆବାହକତ୍ୱରେ ନୂତନ କର୍ମକର୍ତ୍ତା ମନୋନୟନ କରାଯାଇଛି । ଶ୍ରୀ ହୋତାଙ୍କୁ ସଭାପତି, ଭାର୍ଜନ ପ୍ରଧାନଙ୍କୁ ଉପ ସଭାପତି, ମୁକେଶ ପାଢ଼ୀଙ୍କୁ ସମ୍ପାଦକ, ସୁମନ୍ତ ମେହେରଙ୍କୁ ସହ ସମ୍ପାଦକ ଏବଂ ସୀତାକାନ୍ତ ସିଂଙ୍କୁ କୋଷାଧ୍ୟକ୍ଷ ମନୋନୟନ କରାଯାଇଛି । କାର୍ଯ୍ୟକାରୀ କମିଟିରେ ବବିତା ହୋତା, ରଞ୍ଜନ ଦାସ, ଶେଷଦେବ ଦାସ, ବାସୁଦେବ ଶାଣ୍ଢଙ୍କୁ ମନୋନୀତ କରାଯାଇଛି । ସେହିପରି ରବୀନ୍ଦ୍ର ହୋତାଙ୍କୁ ଉପଦେଷ୍ଟା ଏବଂ ଯୋଗେଶ ପ୍ରସାଦ ନାୟକଙ୍କୁ ଉପଦେଷ୍ଟା ଓ ଆଇନ ପରାମର୍ଶଦାତା ଭାବେ ମନୋନୀତ କରାଯାଇଛି । ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ସଭ୍ୟ ପବିତ୍ର ସିଂ ବରିହା, ଅକ୍ରୁର ସାହୁ, ସରୋଜ ତ୍ରିପାଠୀ, ସୁଶାନ୍ତ ଘଡେଇ, ଶରତ ମୁଦୁଲି, ମନୋଜ ତ୍ରିପାଠୀ ପ୍ରମୁଖ ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ । ଶେଷରେ ସୀତାକାନ୍ତ ସିଂ ଧନ୍ୟବାଦ୍ ଅର୍ପଣ କରିଥିଲେ ।



## ପ୍ରଧାନଶିକ୍ଷକଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା

**ରୁପ୍ରାରୋଡ, ୨୮ ।୨(ସମିସ):** କଳାହାଣ୍ଡି ଜିଲ୍ଲା ନର୍ଲା ବ୍ଲକ ଅଧୀନ ସର୍ଗିଗୁଡା ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଦୟାନିଧି ତାଲୁଆ ଶିକ୍ଷକତା ଜୀବନରୁ ଅବସର ନେଉଛନ୍ତି । ତୁଳା ଗାଁ କ୍ଲଷ୍ଟର ତରଫରୁ ତାଙ୍କୁ ବିଦାୟ କାଳୀନ ସମ୍ବର୍ଦ୍ଧନା ଦିଆଯାଇଛି । ବୁଧବାର ଏ ନେଇ ସର୍ଗିଗୁଡ଼ା ବିଦ୍ୟାଳୟ ପରିସରରେ ଏକ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଥିଲା । ଏଥିରେ ମୁଖ୍ୟ ଅତିଥି ଭାବରେ ନାର୍ଲା ଗୋଷ୍ଠୀ ଶିକ୍ଷାଧିକାରୀ ତପିମଣି ଜାନୀ ଯୋଗଦେଇ ଶିକ୍ଷା, ଶିକ୍ଷକତା ଓ ସମାଜ ଗଠନରେ ଶିକ୍ଷକଙ୍କ ଭୂମିକା ବିଷୟରେ ଆଲୋଚନା କରିଥିଲେ । ସମ୍ମାନୀତ ଅତିଥି ଭାବରେ ଏବିଇଓ ସୂର୍ଯ୍ୟଦେବ ବାଗ, ଗୋବର୍ଦ୍ଧନ ମାଝୀ, ନର୍ଲା ପ୍ରାଥମିକ ଶିକ୍ଷକ ସଂଘ ସଭାପତି ମୀନକେତନ ସାହୁ, ଅବସରପ୍ରାପ୍ତ ଶିକ୍ଷା ନିରୀକ୍ଷକ ବିଷ୍ଣୁ ଗହୀର, ଗଙ୍ଗାଧର ଷଡ଼ଙ୍ଗୀ, ଅବସରପ୍ରାପ୍ତ ଶିକ୍ଷକ ସୁନୀଲ ଚାନ୍ଦ ପ୍ରମୁଖ ମଞ୍ଚାସୀନ ଥିଲେ । ମଧୁସୂଦନ ରାଉତ ମଞ୍ଚ ପରିଚାଳନା କରିଥିଲେ । ଶିକ୍ଷୟିତ୍ରୀ ରଶ୍ମିତା ସେଠୀ, କୁଳଦୀପ ମାଝୀ, ସୁଭାଷିନୀ ମାଝୀ, ଆର. ଗାୟତ୍ରୀ, ଗାୟତ୍ରୀ ଷଡ଼ଙ୍ଗୀ, ରୀନା ବାଗ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ । ଛାତ୍ରୀମାନେ ନୃତ୍ୟ ପରିବେଷଣ କରିଥିଲେ ।

## ରାଜ୍ୟସ୍ତରୀୟ କୋଶଲି ନାଟବାଦୀ-ନାଟଯାତ୍ରା

**ବଲାଙ୍ଗିର, ୨୮ ।୨(ସମିସ):** ସଦାଇପାଲି ରାମଜୀ ଯୁବକ ସଂଘ ତରଫରୁ ଚାଲିଥିବା କୋଶଲି ନାଟବାଦୀ-ନାଟଯାତ୍ରାର ଚତୁର୍ଥ ରଜନୀରେ ମଞ୍ଚସ୍ଥ ହୋଇଛି ଡ. ତୁଷାରକାନ୍ତ ସାହୁଙ୍କ ନିର୍ଦ୍ଦେଶିତ କୋଶଲି ନାଟକ "ଡାହି" । ବିଜ୍ଞାନ ବଳରେ ମଣିଷ ଚନ୍ଦ୍ରଲୋକରେ ପଦାର୍ପଣ କରିସାରିଥିବା ବେଳେ ମଧ ଆଜିପର୍ଯ୍ୟନ୍ତ ଅନ୍ଧବିଶ୍ୱାସ ସମାଜରୁ ହଟି ପାରି ନାହିଁ । ଏହି କଥାବସ୍ତୁକୁ ନେଇ ସୋହେଲାର ଡ୍ରାମା ଚେତନା ଅନୁଷ୍ଠାନର କଳାକାରମାନେ ସୁନ୍ଦର ଭାବରେ ପରିବେଷଣ କରିଥିଲେ ନାଟକଟିକୁ । ଦ୍ୱିତୀୟ ନାଟକଟି ଅଶୋକ ବହିଦାରଙ୍କ ଲିଖିତ ତଥା ଚିତ୍ତରଞ୍ଜନ ଦାଶଙ୍କ ନିର୍ଦ୍ଦେଶିତ ନାଟକ "କବାଡି ସାମାନ" । ଏହି ନାଟକକୁ ପରିବେଷଣ କରିଥିଲେ ବଲାଙ୍ଗିରର ପ୍ରତିଷ୍ଠିତ ନାଟ୍ୟ ଅନୁଷ୍ଠାନ 'ଭୂମିକା'ର କଳାକାର । ଉଭୟ ନାଟକଟି ଜୀବନ୍ତ ଥିଲା ଏବଂ ଦର୍ଶକ ମାନଙ୍କୁ ବାନ୍ଧି ରଖିଥିଲା । ଶେଷରେ ଦେଓଗାଁ ବ୍ଲକ ଚନ୍ଦ୍ରପୁର ଶ୍ରୀରାମଜୀ କଳା ପରିଷଦ ତରଫରୁ ରାମଲୀଳା "ସୀତା ଠାବ" ନାଟକ ମଞ୍ଚସ୍ଥ ହୋଇଥିଲା । ବୁଧବାର ସନ୍ଧ୍ୟାରେ ଅତିଥି ଭାବରେ ସାଇଟ୍ କଲେଜ ଇଞ୍ଜିନିୟରିଂ ପ୍ରିନସିପାଲ ନମିତା ପଟେଲ, ନର୍ସିଂ ପ୍ରିନସିପାଲ ଲୋପାମୁଦ୍ରା ମିଶ୍ର ଓ ଆଇଟିଆଇ ପ୍ରିନସିପାଲ ସନ୍ତୋଷ ବ୍ରହ୍ମା କଳାକାର ମାନଙ୍କୁ ପୁରସ୍କୃତ କରିଥିଲେ । ପୁନଶ୍ଚ ଦିନକୁ ଦିନ ହଜି ଯାଉଥିବା ରାମଲୀଳାକୁ ଉଜ୍ଜିବୀତ କରିବାରେ ଚନ୍ଦ୍ରପୁରର କଳାକାର ମାନଙ୍କୁ ସାଧୁବାଦ ଜଣାଇଥିଲେ । ଆୟୋଜକ କମିଟିର ସମ୍ପାଦକ ଡ.ନାରାୟଣ ପ୍ରସାଦ ମିଶ୍ର ଧନ୍ୟବାଦ ଦେଇଥିଲେ ।



**ଅନ୍ଧାରୀ ମୂଳକର ଅଲୋଡ଼ା ମଣିଷ**

# ଗ୍ରାମବାସୀଙ୍କ ମନରୁ ତୁଟୁଛି ପ୍ରଶାସନ ପ୍ରତି ଭରସା

**ଭବାନୀପାଟଣା, ୨୭ ।୨(ସମିସ)**

ମଦନପୁର ରାମପୁର ବ୍ଲକ ଉର୍ଲାଦାନୀ ପଞ୍ଚାୟତର ରିଷିଡାମୁଣ୍ଡା, କୁଟେଡପଟା, ବେଙ୍ଗେସପଧର, ପୂଷାଗୁଡା, ଗଗମ, ବୁଢ଼ାଦୁରିଙ୍ଗ ଏବଂ ପାରଡାମସ୍କା ଏଭଳି ୭ଟି ଗାଁର ପ୍ରାୟ ୫ଶହ ଗ୍ରାମବାସୀ ଏବେ ଅନ୍ଧାରୀ ମୂଳକର ଅଲୋଡ଼ା ମଣିଷ ରୂପେ ଜୀବନ ଜୀଉଁଛନ୍ତି । ଆଜି ବି ଏହି ଗାଁଗୁଡିକରେ ବିଭିନ୍ନ ଯୋଜନା ଅପହଞ୍ଚ ରହିଛି । ଏହି ୭ ଗାଁର ସମସ୍ୟା ଦିନକୁ ଦିନ ବଢୁଛି । ବାରମ୍ବାର ଅଭିଯୋଗ ସତ୍ତ୍ୱେ ପ୍ରଶାସନର କୌଣସି ଦୃଷ୍ଟି ନାହିଁ । ତେଣୁ ଗ୍ରାମବାସୀଙ୍କ ମନରେ ପ୍ରଶାସନ ପ୍ରତି ଥିବା ଭରସା ତୁଟୁଛି । ବର୍ଷବର୍ଷ ଧରି ବିଡିଓଙ୍କଠାରୁ ଆରମ୍ଭ କରି ଜିଲ୍ଲାପାଳଙ୍କ ପର୍ଯ୍ୟନ୍ତ ଦୁଃଖ ଜଣାଇଲେ ମଧ ଦୁଃଖ ଘୁଞ୍ଚିବାର ନାଁ ଧରୁନାହିଁ । ୭ଖଣ୍ଡ ଗାଁର ଗ୍ରାମବାସୀ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ଦାବିପତ୍ର ଦେଇଛନ୍ତି ।

ଗମନା ଗମନ, ଖାଉଟି ସାମଗ୍ରୀ ବିତରଣ ସମସ୍ୟା, ଜଳ ସେଚନ, ସ୍ୱାସ୍ଥ୍ୟ ସେବା, ବାସଗୃହ, ପାନୀୟ ଜଳ ସର୍ବୋପରି ଶିକ୍ଷା କ୍ଷେତ୍ରରେ ଅବହେଳିତ ହୋଇ ରହିଛି ଏହି ୭ଖଣ୍ଡ ଗାଁ । ପ୍ରଶାସନ ସମ୍ପୂର୍ଣ୍ଣ ଭାବେ ବର୍ଷ ବର୍ଷ ଧରି ଅଣଦେଖା କରିଆସୁଥିବା ଗ୍ରାମବାସୀ କ୍ଷୋଭର ସହ ପ୍ରକାଶ କରିଛନ୍ତି । ବିକାଶ ଗତିଶୀଳ ହୋଇପାରୁନାହିଁ । କଳାହାଣ୍ଡି ଓ କନ୍ଧମାଳ ଜିଲ୍ଲାର ସୀମାନ୍ତରେ ନଦୀ, ଝରଣା, ନାଳ ଏବଂ ଚାରି ପଟେ ପାହାଡ ଘେରା ମଧ୍ୟରେ ଥିବା ଏହି ଗ୍ରାମଗୁଡିକ ଚିରଅବହେଳିତ ହୋଇ ପଡ଼ିରହିଛି । ବାସସ୍ଥାନ କଳାହାଣ୍ଡି ଜିଲ୍ଲା ହୋଇଥିଲେ ମଧ ଜୀବନ ଜିଇଁବା ପାଇଁ ନିର୍ଭର କରୁଛନ୍ତି କନ୍ଧମାଳ ଜିଲ୍ଲା ଉପରେ । ରାହୁଲ ନଦୀର ପାଦ ଦେଶରେ ବର୍ଷ ବର୍ଷ ଧରି କେଉଁ କାଳରୁ ଏହି ଗାଁ ଛିଡା ହୋଇଛି । ବାପ ଜେଜେ ବାପା ଅମଳରୁ ସେହି ଗାଁ

**ବାରମ୍ବାର ଅଭିଯୋଗ ସତ୍ତ୍ୱେ ପ୍ରଶାସନର କୌଣସି ଦୃଷ୍ଟି ନାହିଁ**

**ଆଜି ବି ବିଭିନ୍ନ ଯୋଜନା ଅପହଞ୍ଚ**

ଗୁଡ଼ିକରେ ବସତି ସ୍ଥାପନ ହୋଇଛି । ଏବେ ପାଖାପାଖି ବିଭିନ୍ନ ପଡ଼ାରେ ୧୦୦ ପରିବାରର ୩୦୦ରୁ ଅଧିକ ଲୋକ ବସବାସ କରୁଛନ୍ତି । ସେମାନଙ୍କ ମଧ୍ୟରେ କିଛି ଆଦିବାସୀ ଅଛନ୍ତି ଏବଂ ଅଧିକାଂଶ ହରିଜନ ସମ୍ପ୍ରଦାୟର । ଗାଁର ସମସ୍ୟା ବଖାଣିଲେ ଲମ୍ବା ହୋଇଯିବ । ଗାଁରେ ସର୍ବନିମ୍ନ ସୁବିଧା ତଥା ପାନୀୟଜଳ, ରାସ୍ତା, ସ୍କୁଲ, ଜଳସେଚନ ବ୍ୟବସ୍ଥା ଏପରିକି ଅଙ୍ଗନବାଡ଼ି କେନ୍ଦ୍ରଟିଏ ମଧ ନାହିଁ । ଅଙ୍ଗନବାଡି ନାଁରେ ୬ରୁ ୭ମାସରେ ଥରେ ଯେଉଁ ସାମଗ୍ରୀ ମିଳେ ତାହା ମଧ ପାଇବା ବେଳେ ଦୁର୍ଲଭ ହୋଇପଡେ । ଖାଦ୍ୟ ସୁରକ୍ଷା ଯୋଜନାରୁ ଗାଁର କିଛି ହିତାଧିକାରୀଙ୍କୁ ଚାଉଳ ମିଳେ; କିନ୍ତୁ ଚାଉଳ ଆଣିବା ପାଇଁ ପଞ୍ଚାୟତ କାର୍ଯ୍ୟାଳୟକୁ ଚାଲି ଚାଲି ଗଲେ ୨୦କି.ମି. ରାସ୍ତାରେ ପାହାଡ ପାର ହେବାକୁ ପଡ଼ିଥାଏ । ଗାଡିରେ ଗଲେ ୬୦କି.ମି. ବୁଲି ବୁଲି ଯିବାକୁ ପଡେ । ପିଟେଢ଼ ଗ୍ରାମରୁ କୁଟେଡ଼ପଟା ଗାଁ ପ୍ରାୟ ୬ କି.ମି ରାସ୍ତାରେ ବଡ ବଡ ପଥର ଥିବାବେଳେ ଘଞ୍ଚ ଜଙ୍ଗଲ ରହିଛି । ଗ୍ରାମବାସୀଙ୍କ କହିବାନୁସାରେ ଯଦି ଏହି



୬ କି.ମି ରାସ୍ତା ଭଲ ଭାବେ ନିର୍ମାଣ ହୋଇଯାଏ ତେବେ ଅଧା ସମସ୍ୟା ଦୂର ହୋଇଯାଇଥାନ୍ତା । ତେବେ ସେହି ରାସ୍ତା ପରିବର୍ତ୍ତେ ଅନ୍ୟ ଏକ ରାସ୍ତା କାମକୁ ଗୁରୁତ୍ୱ ଦିଆଯାଉଛି ବୋଲି ଲୋକେ ଅଭିଯୋଗ କରିଛନ୍ତି । ଗତବର୍ଷ କଛି ଅଧିକାରୀ ଆସିଯାଇଥିଲେ । ସୋଲାର ଲାଇଟ୍ ଓ ନଳକୂପ ବ୍ୟବସ୍ଥା କରିବେ କହି ଚାଲିଗଲେ । ଏ ପର୍ଯ୍ୟନ୍ତ ତାହା ହୋଇ ପାରିନାହିଁ । ଏହି ଅଞ୍ଚଳରେ ସ୍କୁଲ ନ ଥିବା ଯୋଗୁଁ ପ୍ରାଥମିକ ଶିକ୍ଷା ମଧ ସମ୍ଭବ ହୋଇ ପାରୁନାହିଁ । କଷ୍ଟେମଷ୍ଟେ କିଛି ପିଲା ଉର୍ଲାଦାନୀ ଓ କନ୍ଧମାଳ ଜିଲ୍ଲାର ନିଜନିଜର ବନ୍ଧୁ ପରିବାରଙ୍କ ଘରେ ରହି ପାଠ ପଢୁଛନ୍ତି । ବିଡମ୍ବନାର ବିଷୟ ଯେ, ଗ୍ରାମବାସୀଙ୍କ ମଧ୍ୟରେ କାହାର ଘର ପଟ୍ଟା ନାହିଁ କିମ୍ବା ଜଙ୍ଗଲ ଜମି ପଟ୍ଟା ମଧ ହୋଇପାରିନାହିଁ । ୨୦୦୬ ଜଙ୍ଗଲ ଜମି ଅଧିକାର ଆଇନ ବଳରେ ପଟ୍ଟା ଯୋଗାଇବା କଥା; କିନ୍ତୁ କାହାକୁ ପଟ୍ଟା ଦିଆଯାଇନାହିଁ । ଏହି ବହୁବିଧ ସମସ୍ୟା ସମ୍ପର୍କରେ ଏମ୍. ରାମପୁର ବିଡିଓଙ୍କ ସହ ଆଲୋଚନା ବେଳେ ସେହି ସବୁ ଗାଁଗୁଡିକ ସଂରକ୍ଷିତ ଜଙ୍ଗଲ ଭିତରେ ଥିବାରୁ ବିଭିନ୍ନ ଉନ୍ନୟନ କାର୍ଯ୍ୟ ହୋଇପାରୁନାହିଁ ବୋଲି ସ୍ପଷ୍ଟ କରିଥିଲେ । ଆବାସ ଯୋଜନାଠାରୁ ଆରମ୍ଭ କରି ସବୁ ଯୋଜନା ଯେମିତି ଏହି ୭ଟି ଗାଁ ଲାଗି ସପନ ପାଲଟିଛି । କୌଣସି ସ୍କୁଲରେ ନାମ ଲେଖାଇବା ବେଳେ ସ୍କୁଲ କର୍ତ୍ତପକ୍ଷ ଜାତି ପ୍ରମାଣ ପତ୍ର ମାଗୁଛନ୍ତି । ନିଜର ସ୍ଥାୟୀ ବାସିନ୍ଦା ହିସାବରେ କୌଣସି ପ୍ରମାଣ ପତ୍ର ନ ଥିବା ଯୋଗୁଁ ଜାତି ପ୍ରମାଣ ପତ୍ର ପାଇବା ମଧ କାଠିକର ବିଷୟ ହୋଇ ପଡ଼ିଛି । ଗାଁରେ ଅଙ୍ଗନବାଡି କେନ୍ଦ୍ର ପାଇଁ ସ୍ଥାନ ଚିହ୍ନଟ ହୋଇଥିଲେ ମଧ ଏଯାବତ୍ ଅଙ୍ଗନବାଡି କେନ୍ଦ୍ରଟିଏ ହୋଇ ପାରିନାହିଁ । ତେବେ ଟିକା ପାଇଁ ଶିଶୁଙ୍କୁ ପ୍ରାୟ ୧୫ କିମି ଦୂର ଯିବକୁ ପଡ଼ିଥାଏ । ଲୋକଙ୍କ ଭିତରେ ଥିବା ପୁଞ୍ଜିଭୂତ





ଅସନ୍ତୋଷର ନିଆଁ ଦେଖିବାକୁ ମିଳିଛି । ରାତିର ଅନ୍ଧକାର ଯୋଗୁଁ ବଣୁଆ ହାତୀ ଏବଂ ବନ୍ୟଜନ୍ତୁଙ୍କ ଭୟ ଜୀବନକୁ ଅଥୟ କରୁଛି । ବିଦ୍ୟୁତ୍ ବ୍ୟବସ୍ଥା, ଶିକ୍ଷା, ସ୍ୱାସ୍ଥ୍ୟ ଓ ରାସ୍ତା ନିର୍ମାଣ ଦିଗରେ ଜିଲ୍ଲା ପ୍ରଶାସନ ତୁରନ୍ତ ପଦକ୍ଷେପ ଗ୍ରହଣ କଲେ ଅନ୍ଧାରୀ ମୂଳକର ଅଲୋଡା ମଣିଷ ଭଳି ଜୀବନ ବିତାଉଥିବା ପରିବାର ଗୁଡିକ ସମସ୍ୟା ମୁକ୍ତ ହୁଅନ୍ତେ ।

### ସୁରକ୍ଷାକର୍ମୀଙ୍କୁ ଧକ୍କା ଦେଇ ସୁନା ଦୋକାନରୁ ଲୁଟ୍ ଘଟଣା

# ଅଭିଯୁକ୍ତ ଗିରଫ: ଦାମୀଗାଡ଼ି ଓ ବନ୍ଧୁକ ଜବତ

ସମ୍ବଲପୁର, ୨୮ ।୨(ସମିସ)

ଅଇଁଠାପାଲି ଥାନା ତନିଷ୍କ ସୁନା ଅଳଙ୍କାରର ସୁରକ୍ଷା କର୍ମୀଙ୍କୁ ଧକ୍କା ଦେଇ ଲୁଟ୍ କରିଥିବା ଅଭିଯୁକ୍ତକୁ ପୁଲିସ ଗିରଫ କରିଛି। ଅଭିଯୁକ୍ତ ଛତିଶଗଡ଼ ରାୟପୁର ବାହାଙ୍କଡିର ମନିଷ କୁମାର



ଥୋଡାର (୨୫)। ଅଭିଯୁକ୍ତ ନିକଟରୁ ଗୋଟିଏ ଦେଶୀ ବନ୍ଧୁକ, ଦାମୀ ଗାଡ଼ି ସହ ଲୁଟ୍ କରିଥିବା ୨ ସୁନା ଚେନ ପୁଲିସ ଜବତ କରିଛି ବୋଲି ସାମ୍ବାଦିକ ସମ୍ମିଳନୀରେ ଏସ୍‌ଡିପିଓ ତୋଫାନ ବାଗ କହିଥିଲେ। ସାମ୍ବାଦିକ ସମ୍ମିଳନୀରେ ଅଇଁଠାପାଲି ଥାନା ଅଧିକାରି ସନୟ ନାଏକ ଉପସ୍ଥିତ ଥିଲେ। ଗତ ୨୬ ତାରିଖ ସନ୍ଧ୍ୟାରେ ଅଇଁଠାପାଲି ଥାନା



ବୁଢାରଜା ତନିଷ୍କ ସୁନା ଅଳଙ୍କାରକୁ ଗ୍ରାହକ ଭାବେ ଦୁର୍ବୃତ୍ତ ଜଣକ ପଶିଥିଲା। ଭିତରେ ପଶିବା ପରେ ସେଠାରେ ଥିବା ସେଲ୍ସ ମ୍ୟାନ୍‌ଙ୍କୁ ଅଳଙ୍କାର ଦେଖାଇବାକୁ କହିଥିଲେ। ପରେ ଦୁର୍ବୃର୍ତ୍ତ ଜଣକ ହାର ଦେଖାଇବାକୁ କହିଥିଲେ। ଦୋକାନ କର୍ମଚାରୀ ହାର ଗହଣା ଉପର ମହଲାରେ ଥିବା କହିବାକୁ ସେ ଉପରକୁ ଯାଇଥିଲେ। ସେଠାରେ ଥିବା ସେଲ୍ସ ମ୍ୟାନ୍ ବିଭିନ୍ନ ପ୍ରକାର ସୁନା ଗହଣା ଦେଖାଇଥିଲେ। ଦୁର୍ବୃତ୍ତ ଜଣକ ସେଥିରୁ କିଛି ଗହଣା ବାଛି ମଧ୍ୟ ଥିଲେ। ସେଠାରୁ କର୍ମଚାରୀ ଜଣକ ବିଲିଂ କରିବା ପାଇଁ ସୁନାକୁ ଧରି ତଳ ମହଲାରେ ଥିବା ବିଲିଂ କାଉଣ୍ଟରକୁ ନେଇ ଆସିଥିଲେ। କାଉଣ୍ଟର ପାଖରେ ସୁନାକୁ ରଖି ଦେଇଥିବା ବେଳେ ଦୋକାନ କର୍ମଚାରୀ ସେଠାରୁ ଚାଲିଯାଇଥିଲେ। ଏହି ସମୟରେ ଦୁର୍ବୃତ୍ତ ଜଣକ ସେଠାରେ କିଛି ସମୟ ଠିଆ ହୋଇଥିଲେ। ସୁଯୋଗ ଦେଖି କାଉଣ୍ଟର ପାଖରେ ଥିବା ସୁନାକୁ ଧରି ସେସଠାରୁ ଖସି ପଳାଉଥିଲେ। ଏହା ଦେଖି ଗେଟ୍ ପାଖରେ ଥିବା ସିକୁୟରିଟି ଜଣକ ତାଙ୍କୁ କାବୁ କରିବାକୁ ଚେଷ୍ଟା କରିଥିଲେ। ହେଲେ ତାଙ୍କୁ ଧକ୍କା ଦେଇ ଦୁର୍ବୃର୍ତ୍ତ ଜଣକ ସେଠାରୁ ଦୌଡ଼ି ପଳାଉଥିଲେ। ଦୁର୍ବୃର୍ତ୍ତ ଖସି ପଳାଉଥିବା ନେଇ ସୁରକ୍ଷା କର୍ମୀ ପାଟିତୁଣ୍ଡ କରିବାରୁ ସ୍ଥାନୀୟ ଲୋକ କାବୁ କରିଥିଲେ।

## ଏସ୍‌ଏମ୍‌ସିକୁ ଆସିଲା ଅତ୍ୟାଧୁନିକ ଡ୍ରେନ୍ କ୍ଲିନର

**ସମ୍ବଲପୁର, ୨୮।୨ (ସମିସ) :** ସମ୍ବଲପୁର ମହାନଗର ନିଗମର ସଫେଇ କାମକୁ ନେଇ ଜନ ସାଧାରଣଙ୍କ ଅସନ୍ତୋଷ ରହିଆସୁଛି। ଏସ୍‌ଏମ୍‌ସି ପକ୍ଷରୁ ପରିମଳ ବ୍ୟବସ୍ଥାରେ ସୁଧାର ଆଣିବା ନେଇ ବିଭିନ୍ନ ପଦକ୍ଷେପ ଗ୍ରହଣ କରାଯାଉଛି। ହେଲେ ଶତପ୍ରତିଶତ ସଫଳ ହୋଇ ପାରୁନାହିଁ। ଏବେ ସଫେଇ କାମରେ ନିୟୋଜିତ କରିବା ପାଇଁ ଏସଏମସି ପକ୍ଷରୁ ଅତ୍ୟାଧୁନିକ ଡ୍ରେନ କ୍ଲିନର ମେସିନ ଆସିଛି। ଏସଏମସି କମିସନର ବେଦ ଭୂଷଣ ପୂଜା ଅର୍ଚ୍ଚନା କରିବା ପରେ ସବୁଜ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ଏହି ଅବସରରେ ଡେପୁଟି କମିସନର ଶଙ୍କର ସାହୁ ଓ ଅନ୍ୟ ଅଧିକାରୀମାନେ ଉପସ୍ଥିତ ଥିଲେ। ଏସଏମସି ପକ୍ଷରୁ ସୂଚନା ଦିଆଯାଇଛି ଯେ, ଡ୍ରେନ ଗୁଡିକ ସଫେଇ କର୍ମଚାରୀମାନେ ସଫା କରୁଥିଲେ। ହେଲେ ସମସ୍ୟା ହେଉଥିଲା। ଠିକ୍ ଭାବେ ସଫା ହେଉ ନଥିଲା। ବେଳେ ବେଳେ ସେମାନଙ୍କୁ ଆଘାତ ମଧ୍ୟ ଲାଗୁଥିଲା। ଏବେ ସୁବିଧାରେ ଡ୍ରେନ ଭିତରେ ସଫା କରିହେବ। ଏହି ମେସିନ ଛୋଟ ରହିଛି। ତେଣୁ ଛୋଟ ଗଳି ଗୁଡିକରେ ମଧ୍ୟ ଚଳାଚଳ କରିପାରିବ। ମେସିନ ସହିତ ସଫେଇ ଗାଡ଼ି ରହିବ। ଡ୍ରେନରୁ ମଇଳା ଆବର୍ଜନା କାଢି ମେସିନ ଗାଡ଼ିରେ ଲୋଡ କରିବ। ମେସିନ ଦ୍ୱାରା କାମ କଲେ କମ୍ ସମୟରେ ଅଧିକ କାମ ହୋଇ ପାରିବ। ଗୋଟିଏ ମେସିନ ଆସିଛି। ଆଗକୁ ମେସିନ ସଂଖ୍ୟା ବୃଦ୍ଧି କରାଯିବ ବୋଲି ସୂଚନା ଦେଇଛନ୍ତି। ବିପର୍ଯ୍ୟସ୍ତ ପରିମଳ ବ୍ୟବସ୍ଥାକୁ ନେଇ ୫-ଟି ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ ସମ୍ବଲପୁର ଗସ୍ତ ସମୟରେ ଆସିଥିବା ବେଳେ ଲୋକମାନେ ଅଭିଯୋଗ କରିଥିଲେ। ଏହାସହ କମିସନର ଓ ଅନ୍ୟ ଅଧିକାରୀ ମାନେ ପ୍ରତିଦିନ ୱାର୍ଡ ଗୁଡିକ ବୁଲି ସଫେଇ କାମର ତାଦରଖି କରୁଛନ୍ତି। ଲୋକମାନଙ୍କ ଠାରୁ ମତାମତ ସଂଗ୍ରହ କରୁଛନ୍ତି।



## ବିଜୁ ପ୍ରିମିୟର ଲିଗ୍: ସମଲେଶ୍ୱରୀ ଦଳ ବିଜୟୀ

**ବୁର୍ଲା, ୨୮।୨(ସମିସ):** ବିଜୁ ପଟ୍ଟନାୟକ ଷ୍ଟାଡିୟମ୍‌ଠାରେ ବିଜୁ ପ୍ରିମିୟମ ଲିଗ କ୍ରିକେଟ ଟୁର୍ନାମେଣ୍ଟ ହୋଇଯାଇଛି।



ଏଥିରେ ମୁଖ୍ୟ ଅତିଥି ଭାବରେ ବିଜେଡି ରାଜ୍ୟ ଛାତ୍ର ସଭାପତି ରାଜେଶ ରାଜ ସ୍ୱାଇଁ, ବିଜେଡି ଜୋନାଲ ସମ୍ପାଦକ ମିଳନ ହୋତା, ବିଜେଡି ସମ୍ବଲପୁର ଯୁବ ସଭାପତି ଲକ୍ଷ୍ମୀ ପ୍ରସାଦ ମହାପାତ୍ର, ବିଜେଡି ସମ୍ବଲପୁର ଛାତ୍ର ସଭାପତି ଶୁଭ୍ରାଂଶୁ ପାଢ଼ୀ, ବୁର୍ଲା ବିଜେଡିର ବରିଷ୍ଠ ନେତା ପ୍ରଦୀପ କୁମାର ମିଶ୍ର ଉପସ୍ଥିତ ଥିଲେ।ଏହି ଟୁର୍ନାମେଣ୍ଟକୁ ବୁର୍ଲା ବିଜେଡି ଯୁବ ଏବଂ ଛାତ୍ର ନେତା ମୋହିତ ଦାସ, ନରେଶ ବାରିକ, ରାମ ଚନ୍ଦ୍ର ମହାକୁଡ଼ ପରିଚାଳନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିଜେଡି ନେତା ଦୀପ୍ତିକାନ୍ତ ମଲ୍ଲିକ, ଗୌତମ ବେହେରା, ଶ୍ୟାମ ନାୟକ, ଦୀପକ ପ୍ରଧାନ, ଶେଖର ରେଡି ପବନ କୁମାର ସେଠି ପ୍ରମୂଖ ବିଜେଡି କର୍ମୀ ଉପସ୍ଥିତ ଥିଲେ। ଏହି ପ୍ରତିଯୋଗିତାରେ ସମୁଦାୟ ୧୮ଟିଟିମ ଯୋଗଦାନ କରିଥିଲେ। ଫାଇନାଲ ମ୍ୟାଚ୍ ସମଲେଶ୍ୱରୀ ଟିମ ଏବଂ ତେଲଗୁ ପଡ଼ା ମଧ୍ୟରେ ଅନୁଷ୍ଠିତ ହୋଇ ସମଲେଶ୍ୱରୀ ଟିମ ବିଜେତା ହୋଇଥିବା ବେଳେ ତେଲଗୁପଡ଼ା ଉପବିଜେତା ହୋଇଥିଲେ।

## କମିସନଙ୍କୁ ଭେଟି କ୍ଷତିପୂରଣ ଦାବି

**ସମ୍ବଲପୁର, ୨୮।୨(ସମିସ):** ଗଣ୍ଡା ସମାଜ କଲ୍ୟାଣ ପରିଷଦର ସଭାପତି ନିହାଲ ସିଂ ଦିଲ୍ଲୀସ୍ଥିତ ରାଷ୍ଟ୍ରୀୟ ଏସ୍‌ସି କମିସନ ମୁଖ୍ୟ ଅଧିକାରୀଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ସମଲେଇ ଯୋଜନାରେ ବିସ୍ଥାପିତଙ୍କୁ ପାତରଅନ୍ତର ନକରି କ୍ଷତିପୂରଣ ଦେବାକୁ ଦାବିପତ୍ରରେ ଉଲ୍ଲେଖ କରିଛନ୍ତି। ସମଲେଇ ଯୋଜନାରେ ସାଧାରଣ ବର୍ଗଙ୍କୁ ଜଣପ୍ରତି ଅଧିକ ଟଙ୍କା କ୍ଷତିପୂରଣ ଦିଆଯାଇଥିବା ବେଳେ ଏସ୍‌ସି ବର୍ଗ ଗଣ୍ଡା ସମାଜର ହୋଇଥିବାରୁ ୨୪୪ଜଣ ପରିବାରଙ୍କୁ ଜଣପ୍ରତି କ୍ଷତିପୂରଣ କମ୍ ଦିଆଯାଇଛି। ଏଣୁ ଏହା ଗଣ୍ଡା ସମାଜ ପ୍ରତି ଅନ୍ୟାୟ ହୋଇଛି। ପରିବାର ପିଛା ୨୦ଲକ୍ଷ କ୍ଷତିପୂରଣ ଦେବାସହ ସମଲେଇ ଯୋଜନା ସର୍ଭେରୁ ବଞ୍ଚିତ ହୋଇଥିବା ୨୪ଜଣ ପରିବାରଙ୍କୁ ସମଲେଇ ଯୋଜନାରେ ସାମିଲ କରି ସେମାନଙ୍କୁ କ୍ଷତିପୂରଣ ଦେବାକୁ ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦେବା ପାଇଁ ଦାବିପତ୍ରରେ ଅନୁରୋଧ କରାଯାଇଛି। ସୂଚନାଯୋଗ୍ୟ, ସମଲେଇ ଯୋଜନାରେ ପାତର ଅନ୍ତର କରାଯାଇଥିବା ଅଭିଯୋଗ କରି ସମ୍ବଲପୁର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଘୁନଘୁଟିପଡ଼ାବାସୀ ଧାରଣାରେ ବସିଛନ୍ତି।

## ଜେସିବି ଧକ୍କାରେ ଜଳିଗଲା କୋଇଲା ବୋଝେଇ ଟ୍ରକ୍

**ସମ୍ବଲପୁର, ୨୮ ।୨(ସମିସ):** ସମ୍ବଲପୁର ସଦରଥାନା ସିନ୍ଧୁରପଙ୍କ ନିକଟରେ ଏକ ଜେସିବି ଓ କୋଇଲା ବୋଝେଇ ଟ୍ରକ୍ ମଧ୍ୟରେ ମୁହାଁମୁହିଁ ଧକ୍କା ହୋଇଥିଲା। ଫଳରେ କୋଇଲା ବୋଝେଇ ଟ୍ରକ୍ ଓଆର-୦୯-ଏନ-୪୪୪୮ ଜଳିଯାଇଥିଲା। ଅଗ୍ନିଶ୍ରମ ବିଭାଗ ପହଞ୍ଚି ନିଆଁକୁ ପ୍ରାୟ ୧ଘଣ୍ଟା ପରେ ଆୟତ୍ତ କରିଥିଲେ। ଜେସିବି ଲଗାଇ ଟ୍ରକରୁ କୋଇଲା ଅନ୍‌ଲୋଡ କରାଯାଇଥିଲା। ଜାତୀୟ ରାଜପଥ ୫୩ ଉପରେ ନିଆଁ ଜଳୁଥିବା ଯୋଗୁଁ ଯାତାୟତ ବାଧାପ୍ରାପ୍ତ ହୋଇଥିଲା। ଘଟଣାରେ ଡ୍ରାଇଭର, ହେଲପର ସୁରକ୍ଷିତ ଥିବା ଜଣାପଡ଼ିଛି। ଟ୍ରକ୍ ଓ କୋଇଲା ଜଳିପୋଡ଼ି ନଷ୍ଟ ହୋଇଯାଇଛି। କେତେ ପରିମାଣ କ୍ଷୟକ୍ଷତି ହୋଇଛି ତାହା ସ୍ପଷ୍ଟ ହୋଇପାରି ନାହିଁ।








## ଗଳ୍ପ ଆସର

**ସମ୍ବଲପୁର, ୨୮।୨(ସମିସ):** 'ସାହିତ୍ୟ ଜୀବନ' ସାହିତ୍ୟ ସଂସଦ ପକ୍ଷରୁ ଆଭାସୀ ଗଳ୍ପ ଆସର ଅନୁଷ୍ଠିତ ହୋଇଯାଇଛି। ପବିତ୍ର ବେହେରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଆସରର ସଂଯୋଜିକା ସ୍ରୋତସ୍ୱିନୀ ପରିଡ଼ା ମଞ୍ଚ ପରିଚାଳନା କରିଥିଲେ। ଉପସଭାପତି ଶୋଭାଗିନୀ ନନ୍ଦ ଗଳ୍ପର ସଂଜ୍ଞା ଓ ତା'ର ବିଭିନ୍ନ ଦିଗ ଉପରେ ଅଭିଭାଷଣ ପ୍ରଦାନ କରିଥିଲେ। ସମ୍ମାନିତ ଅତିଥି ଭାବେ ଗାଳ୍ପିକ ସୁବ୍ରତ କୁମାର ସେନାପତି, ଡିଲେଶ୍ୱର ରଣା, କ୍ଷୀରୋଦ ବିହାରୀ ବିଶ୍ୱାଳ, ଆକାଶ ସାହୁ ପ୍ରମୁଖ ଯୋଗ ଦେଇଥିଲେ। ଏଥିରେ ଓଡ଼ିଶାର ବିଭିନ୍ନ ପ୍ରାନ୍ତରୁ ଗାଳ୍ପିକ, ଗାଳ୍ପିକା ସ୍ନେହଲତା ଦାସ ଲେଙ୍କା, ଜୟଦେବ ରଥ, ବିବେକାନନ୍ଦ ପଟ୍ଟନାୟକ, ନିର୍ମଳ ନାୟକ, ବିକାଶ କୁମାର ଜେନା, ଗଗନ ବିହାରୀ ନାୟକ, ନଳିନୀ ରାଉତ, ମନସ୍ମିତା ଦାସ, ମନ୍ଦାକିନୀ ପାଢ଼ୀ, ସାଗରିକା ପାଣିଗ୍ରାହୀ, ସବିତା ହୋତା, ତରଙ୍ଗ ଚଣ୍ଡୀ, ରୁକେୟା ଜବିନ୍, ପଙ୍କଜିନି ବେହେରା ପ୍ରମୁଖ ଗଳ୍ପ ପାଠ କରିଥିଲେ। ଶେଷରେ ଶୋଭାଗିନୀ ନନ୍ଦ ଗଳ୍ପ ଗୁଡ଼ିକ ସମୀକ୍ଷା କରି ସମସ୍ତ ଗାଳ୍ପିକ ଗାଳ୍ପିକାଙ୍କ ଉଜ୍ୱଳ ଭବିଷ୍ୟତ କାମନା କରି ଧନ୍ୟବାଦ ଅର୍ପଣ କରିଥିଲେ।

## ରେମେଡରେ ଶିବରାତ୍ରି ପାଇଁ ଶୁଭସ୍ତମ୍ଭ

**ସମ୍ବଲପୁର, ୨୮ ।୨ (ସମିସ):** ସମ୍ବଲପୁର ମହାନଗର ରେମେଡ ଠାରେ ପ୍ରତିବର୍ଷ ଭଳି ଏ ବର୍ଷ ମଧ୍ୟ ଶିବରାତ୍ରି ମେଳା ଏବଂ ଚବିଶ ପ୍ରହର ନାମଯଜ୍ଞ ପାଇଁ ଆଜି ଶୁଭସ୍ତମ୍ଭ ସ୍ଥାପନ ଏବଂ ଅଙ୍କୁରାରୋପଣ କାର୍ଯ୍ୟକ୍ରମ ହୋଇଯାଇଛି। ନାମଯଜ୍ଞରେ କର୍ତ୍ତା ଭାବରେ ନାରାୟଣ ନାଗ୍ ଏବଂ ଶିବରାତ୍ରି କର୍ତ୍ତା ଭାବରେ ନୃପରଜ୍ ସ୍ୱାଇଁ ମନୋନୀତ ହୋଇଥିବା ମେଳା କମିଟି ସଭାପତି ସୁଧିର ବିଶ୍ୱାଳ ପ୍ରକାଶ କରିଛନ୍ତି। ମେଳା ଉପ ସଭପତି ସୁବାସ ପୋଡ଼ କହିଛନ୍ତି ଯେ ଆସନ୍ତା ପାଞ୍ଚ ତାରିଖ ଦିନ କଳସ ଶୋଭାଯାତ୍ରା ହେବ ଏବଂ ୬ତାରିଖ ଠାରୁ ୨୪ ପ୍ରହର ନାମଯଜ୍ଞ ପ୍ରାରମ୍ଭ ହେଇ ୯ ତାରିଖରେ ପୂର୍ଣ୍ଣାହୂତି ହେବ। ଯଜ୍ଞ ପୂର୍ଣ୍ଣାହୂତି ପରେ ସାମୁହିକ ପ୍ରସାଦ ସେବନ କାର୍ଯକ୍ରମ ଅଛି। ମେଳା ରେ ଆଚାର୍ଯ୍ୟ ଭାବରେ ଲଳିତ ପାଣ୍ଡେ, ଦିଲୀପ ଚୌବେ, ମନ୍ଦିର ପୂଜକ ପଞ୍ଚା ମହାପାତ୍ର କାର୍ଯ୍ୟ ତୁଲାଉ ଥିବା ବେଳେ ମେଳା ସଂପାଦକ ଓ ସହ ସଂପାଦକ ଭାବରେ ପଞ୍ଚାନନ ମନ୍ତ୍ରୀ ଏବଂ ଶ୍ରିମନ୍ତ ପଲାଇ ତଥା କୋଷାଧକ୍ଷ ଭାବରେ ବେଣୁଧର ଡିଲା ମନୋନୀତ ହୋଇଛନ୍ତି। ଜିଲ୍ଲା, ଜିଲ୍ଲା ବାହାରର ସହିତ ଛତିଶଗଡ଼ ରୁ ସଙ୍କୀର୍ତ୍ତନ ଦଳ ଏହି ମେଳାରେ ଭାଗ ନେବେ ବୋଲି ମେଳା ସଙ୍କୀର୍ତ୍ତନ ଦଳ ସଂପାଦକ ପିଣ୍ଟୁ ମନ୍ତ୍ରୀ ଜଣାଇଛନ୍ତି।



## ବିଭିନ୍ନ ସମସ୍ୟା ନେଇ ସିଡିଏମ୍‌ଓଙ୍କ ସହ ଆଲୋଚନା



**ସମ୍ବଲପୁର, ୨୮।୨(ସମିସ):** ସମ୍ବଲପୁର ଜିଲ୍ଲା ସଦର ଡାକ୍ତରଖାନାର ବିଭିନ୍ନ ସମସ୍ୟା ଓ ଏହାର ସମାଧାନ ଦାବି ନେଇ ଆଜି ବିଜେପି ପକ୍ଷରୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଘେରାଉ କରାଯାଇଥିଲା। ଡାକ୍ତର ଓ ଅନ୍ୟାନ୍ୟ ପଦବୀ ଖାଲିପଡ଼ିଛି, ତିନିମାସରୁ ଊର୍ଦ୍ଧ୍ୱ ହେଲାଣି ଡାଏଲିସିସ କେନ୍ଦ୍ରରେ ଏସି ଚାଲୁନାହିଁ, ଡାଏଲିସିସ ପାଇଁ ଆସୁଥିବା ରୋଗୀ ସମସ୍ୟାରେ ସମ୍ମୁଖୀନ ହେଉଛନ୍ତି, ଡାକ୍ତରମାନେ ଡାକ୍ତରଖାନା ଅପେକ୍ଷା ଘରୋଇ ମେଡିକାଲରେ ଚିକିତ୍ସା କରିବାକୁ ଚାଲିଯାଉଛନ୍ତି, ଚାରିଆଡ଼େ କୁଢ଼ କୁଢ଼ ମଇଳା ପଡ଼ିରହିଛି ଆଦି ବିଭିନ୍ନ ଅଭିଯୋଗ ନେଇ ଆଜି ବିଜେପି ପକ୍ଷରୁ ଡିଏଚ୍‌ଏଚ୍ ଘେରାଉ କରାଯାଇଥିଲା। ବିଜେପି ଜିଲ୍ଲା ସାଧାରଣ ସମ୍ପାଦକ ଅନିଲ କୁମାର ବେହେରା ଓ ବରିଷ୍ଠ ନେତା ଡ.ପ୍ରମୋଦ କୁମାର ରଥଙ୍କ ମିଳିତ ନେତୃତ୍ୱରେ ଯାଇଥିବା ପ୍ରତିନିଧି ଦଳ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡ଼ା.ସୁଜାତା ରାଣୀ ମିଶ୍ରଙ୍କ ସହିତ ଆଲୋଚନା କରିଥିଲେ। ସମସ୍ତ ବିଷୟ ରେ ଅଭିଯୋଗ ଶୁଣିବା ପରେ ମୁଁ ଦାୟିତ୍ୱ ନେବାର କିଛିଦିନ ହୋଇଛି। ଆଗମୀ ଦିନରେ ମୁଁ ବ୍ୟକ୍ତିଗତ ଭାବେ ସମସ୍ତ ବିଭାଗକୁ ପରିଦର୍ଶନ କରି ସମସ୍ତ ଅସୁବିଧା ଓ ସମସ୍ୟା କୁ ନିରୀକ୍ଷଣ କଲା ପରେ ସେଗୁଡିକର ଶୀଘ୍ର ଓ ସ୍ଥାୟୀ ସମାଧାନ ପାଇଁ ପଦକ୍ଷେପ ଗ୍ରହଣ କରିବି ବୋଲି କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଦାମୋଦର କର, ରାଜ୍ୟ ପେନାଲିଷ୍ଟ ମାନସ ରଞ୍ଜନ ବକ୍ସି, ଜିଲ୍ଲା କୃଷକ ମୋର୍ଚ୍ଚା ସଭାପତି ସମିର ରଞ୍ଜନ ବାବୁ, ମୁକେଶ ଜରିୱାଲ, ଅରୁଣ କୁମାର ଦାସ ପ୍ରମୁଖ ସାମିଲ ଥିଲେ। ଆଲୋଚନା ସମୟରେ ଅତିରିକ୍ତ ଜିଲ୍ଲା ଚିକିତ୍ସାଧିକାରୀ ଡ଼ା. ଅଶୋକ କୁମାର ଦାଶ ଉପସ୍ଥିତ ଥିଲେ।

## ଟ୍ରାକ୍ଟର ବ୍ୟାଟେରୀ ଚୋରି ଅଭିଯୋଗ

**ବୁର୍ଲା, ୨୮।୨(ସମିସ):** ବୁର୍ଲା ଥାନା ଗୋଶାଳା ଫାଣ୍ଡି ବୈଜାମୁଣ୍ଡା ଗାଁରେ ଟ୍ରାକ୍ଟର ବ୍ୟାଟେରୀ ଚୋରି ହୋଇଥିବା ଅଭିଯୋଗ ହୋଇଛି। ଏ ନେଇ ଟ୍ରାକ୍ଟର ମାଲିକ ତରୁଣ କୁମାର ମେହେର ବୁର୍ଲା ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ତେବେ ଅଭିଯୋଗ ପରେ ବୁର୍ଲା ପୁଲିସ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ସୂଚନା ଅନୁସାରେ ତରୁଣଙ୍କ ଘର ସାମ୍ନାରେ ତାଙ୍କର ଟ୍ରାକ୍ଟର ରଖାଯାଇଥିଲା। ହେଲେ ଗୋଟିଏ ଦିନ ପରେ ତରୁଣ ଟ୍ରାକ୍ଟର ଚେକ୍ କରିବା ପରେ ସେଥିରେ ବ୍ୟାଟେରୀ ନଥିବା ଦେଖିବାକୁ ପାଇଥିଲେ।

## ଡକ୍ଟର ପର୍ଶୁରାମ ମିଶ୍ର ଅଗ୍ରଗାମୀ ଶିକ୍ଷା ପ୍ରତିଷ୍ଠାନର ବାର୍ଷିକ କ୍ରୀଡ଼ା

**ସମ୍ବଲପୁର, ୨୮।୨(ସମିସ):** ଡକ୍ଟର ପର୍ଶୁରାମ ମିଶ୍ର ଅଗ୍ରଗାମୀ ଶିକ୍ଷା ପ୍ରତିଷ୍ଠାନର ୬୨ ତମ ବାର୍ଷିକ କ୍ରୀଡ଼ା ଉତ୍ସବ ଆଜି ଅନୁଷ୍ଠିତ ହୋଇଥିଲା। ଏହି କ୍ରୀଡ଼ା ଉତ୍ସବକୁ ପ୍ରତିଷ୍ଠାନର ଅଧ୍ୟକ୍ଷା ପ୍ରଫେସର ଶାରଦା ମିଶ୍ର ମୁଖ୍ୟ ଅତିଥି ଭାବରେ ଯୋଗଦାନ କରି ଉଦ୍‌ଘାଟନ କରିଥିଲେ। ଖେଳ ପ୍ରଶିକ୍ଷକ ଭୀମସେନ ବାରିକ ସହଯୋଗ କରିଥିଲେ। ପ୍ରତିଷ୍ଠାନର କ୍ରୀଡ଼ା ବିଭାଗର ପରାମର୍ଶଦାତା ଅଧ୍ୟାପିକା ପଦ୍ମିନୀ ନାଏକ, ନୃସିଂହ ନାଥ ନାୟକ ଓ ଅଧ୍ୟାପକ କ୍ଷିତିଶ ଚନ୍ଦ୍ର ପାତ୍ର ପ୍ରମୁଖ ଉପସ୍ଥିତ ରହି କ୍ରୀଡ଼ା ପ୍ରତିଯୋଗୀ ମାନଙ୍କୁ ଉତ୍ସାହିତ କରିଥିଲେ। ଛାତ୍ରୀ ବିଭାଗର ରୂପା ବଡେଇ ସଟ୍‌ପୁଟ୍‌ରେ, ରଶ୍ମିତା ପଟେଲ ଡିସ୍‌କସ୍ ଥ୍ରୋରେ, ପୂଜା ପ୍ରଧାନ ଜାଭେଲିନ ରେ ଏବଂ ଛାତ୍ର ବିଭାଗର ବିନୟ କୁଜୁର ସଟ୍‌ପୁଟ୍ ରେ, ଦେବେନ୍ଦ୍ର କୁମାର ଯାନି ଡ଼ିସ୍କସ ରେ ଓ ବିନୟ କୁଜୁର୍ ଜାଭଲିନ୍ ଥ୍ରୋ ରେ ପ୍ରଥମ ସ୍ଥାନ ଅଧିକାର କରିଥିଲେ। ଛାତ୍ର ସଂସଦ ର ସଭାପତି ସିପୁନ କୁମାର ସାହୁ ଓ ସଂପାଦକ ନୀଳାଞ୍ଚଳ ନାଏକଙ୍କ ସମେତ କ୍ରୀଡ଼ା ବିଭାଗର ସଚିବ ପରିତୋଷ ରଞ୍ଜନ ବିଶି, ସହ ସଚିବ କୌଶିକ ପୂଜାହାରି ତଥା ପ୍ରତିଷ୍ଠାନର ଅନ୍ୟ ସ୍ୱେଚ୍ଛାସେବୀ ଓ କର୍ମଚାରୀମାନେ ସକ୍ରିୟ ଭାବେ ଅଂଶ ଗ୍ରହଣ କରିଥିଲେ।



## ୧୦୦କ୍ୟୁବ୍ସ କନକ୍ଲେଭ୍ କରିବାକୁ ଆଇଆଇଏମ୍ ସମ୍ପୂର୍ଣ୍ଣ ପ୍ରସ୍ତୁତ: ପ୍ରଫେସର ମହାଦେବ ଜୟସ୍ୱାଲ

ସମ୍ବଲପୁର, ୨୮ ।୨(ସମିସ)

ଦେଶରେ ଉଦ୍ୟୋଗୀ ଭାବନାକୁ ପ୍ରୋତ୍ସାହିତ କରିବା ଏବଂ ଯୁବପୀଢ଼ିଙ୍କୁ ଉଦ୍ଭାବନ ଓ ମୂଲ୍ୟ ସୃଷ୍ଟି ପାଇଁ ସଶକ୍ତ କରିବା ଉଦ୍ଦେଶ୍ୟରେ ଆସନ୍ତା ମାର୍ଚ୍ଚ ପହିଲାରେ ସମ୍ବଲପୁରରେ ୧୦୦କ୍ୟୁବ୍ସ କନକ୍ଲେଭ୍ ଆୟୋଜନ ହେବାକୁ ଯାଉଛି। ଭାରତ ସରକାରଙ୍କ ଶିକ୍ଷା ମନ୍ତ୍ରଣାଳୟ ସହଯୋଗରେ ପରିଚାଳିତ ଏହି ସ୍ୱତନ୍ତ୍ର ଷ୍ଟାର୍ଟଅପ୍ ପଦକ୍ଷେପ, ଆଇଆଇଏମ୍ ସମ୍ବଲପୁର ପରିସରରେ ୧୦୦ଟି ଷ୍ଟାର୍ଟଅପ୍ ପ୍ରତିଷ୍ଠା କରିବାକୁ ପ୍ରୟାସ କରୁଛି। ଆଇଆଇଏମ୍ ସମ୍ବଲପୁରର ଅନ୍ୟତମ ସାମଗ୍ରିକତା ଏବଂ ଆଞ୍ଚଳିକ ବିକାଶର ମୂଳ ମୂଲ୍ୟବୋଧ ସହିତ ଯୋଡ଼ିହୋଇଛି। ଏହି କାର୍ଯ୍ୟକ୍ରମ ଏହି ଅଞ୍ଚଳର ଉଦ୍ୟୋଗୀ ବ୍ୟବସ୍ଥାକୁ ଉତ୍ସାହିତ କରିବାକୁ ଚେଷ୍ଟା କରୁଛି। ଏହି କାର୍ଯ୍ୟକ୍ରମକୁ କେନ୍ଦ୍ର ଶିକ୍ଷା, ଦକ୍ଷତା ବିକାଶ ଓ ଉଦ୍ୟମିତା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଉଦଘାଟନ କରିବେ ବୋଲି ଆଇଆଇଏମ୍ ନିର୍ଦ୍ଦେଶକ ପ୍ରଫେସର ମହାଦେବ ଜୟସ୍ୱାଲ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି। ସେ ଆହୁରି କହିଥିଲେ ଯେ, ସମ୍ମିଳନୀରେ ବଜାଜ ଫିନସର୍ଭର ଏମଡି ସଞ୍ଜୀବ ବଜାଜ, ପାରି ଏଣ୍ଟରପ୍ରାଇଜେସର ଏମ୍‌ଡି ରଶ୍ମୀ ରଞ୍ଜନଙ୍କ ସମେତ ଶିଳ୍ପ ଜଗତର ନେତୃବୃନ୍ଦ ଯୋଗଦେବେ। ପ୍ରଧାନମନ୍ତ୍ରୀ



ନରେନ୍ଦ୍ର ମୋଦୀଙ୍କ ପୂର୍ବୋଦୟ ମିଶନ ସହ ମିଳିତ ଭାବେ ଆଇଆଇଏମ୍ ସମ୍ବଲପୁରର ଏକ ପଦକ୍ଷେପ। ପ୍ୟାନେଲ୍ ଆଲୋଚନା ଓ ନେଟୱାର୍କିଂ ଅଧିବେଶନ ସହିତ, ଏହି କାର୍ଯ୍ୟକ୍ରମ ଷ୍ଟାର୍ଟଅପ୍ ଦୃଶ୍ୟପଟ୍ଟରେ ବୁଝାମଣା ବାଣ୍ଟିବା, ସଂଯୋଗ ସୃଷ୍ଟି କରିବା ଏବଂ ସୁଯୋଗ ଅନୁସନ୍ଧାନ କରିବା ପାଇଁ ଏକ ମୂଲ୍ୟବାନ ପ୍ଲାଟଫର୍ମ ସାବ୍ୟସ୍ତ ହେବାକୁ ଯାଉଛି। ଧାରା ୮ ଅଧୀନରେ ପଞ୍ଜୀକୃତ କମ୍ପାନୀ ଭାବେ ସ୍ଥାପିତ 'ଆଇ-ହବ୍ ଫାଉଣ୍ଡେସନ୍'କୁ ମାନ୍ୟବର କେନ୍ଦ୍ର ଶିକ୍ଷାମନ୍ତ୍ରୀ ଉଦଘାଟନ କରିବେ। ବୟନଶିଳ୍ପ, କଳା ଓ ସଂସ୍କୃତି, କୃଷି, ସ୍ୱାସ୍ଥ୍ୟସେବା, ଆର୍ଥିକ ଓ ଡିଜିଟାଲ ଅନ୍ତର୍ଭୁକ୍ତୀକରଣ, ଆଦିବାସୀ ଉଦ୍ୟୋଗଏବଂ ସ୍ଥାୟିତ୍ୱ ଭଳି ବିଭିନ୍ନ କ୍ଷେତ୍ରରେ ଅଭିନବ ଉଦ୍ୟୋଗକୁ ସମର୍ଥନ ଏବଂ ପୋଷଣ କରିବାରେ ଆଇ-ହବ୍ ଫାଉଣ୍ଡେସନର ଭୂମିକା ଉପରେ ପ୍ରଫେସର ଜୟସ୍ୱାଲ ଆଲୋକପାତ କରିଥିଲେ। କନକ୍ଲେଭ୍ର ଏକ ଅଂଶ ଭାବେ ଷ୍ଟାର୍ଟଅପ୍ କାର୍ଯ୍ୟକ୍ରମରେ ସମ୍ବଲପୁର, ଝାରସୁଗୁଡ଼ା, ସୁନ୍ଦରଗଡ଼, ବରଗଡ଼ ଏବଂ ଓଡ଼ିଶାର ଅନ୍ୟାନ୍ୟ ଜିଲ୍ଲାର ୫୦ଟି ଷ୍ଟାର୍ଟଅପକୁ ପ୍ରଦର୍ଶିତ କରାଯିବ। ଏହି କାର୍ଯ୍ୟକ୍ରମରେ ୩୦୦ ଷ୍ଟାର୍ଟଅପ୍ ସମେତ ପ୍ରମୁଖ ଅଂଶୀଦାର, ନିବେଶକ, ଶିଳ୍ପ ପରାମର୍ଶଦାତା, ମନ୍ତ୍ରଣାଳୟ ପ୍ରତିନିଧି, ଛାତ୍ରଛାତ୍ରୀ ଏବଂ ଇନକ୍ୟୁବେଟର ଏବଂ ଭେଞ୍ଚର କ୍ୟାପିଟାଲ (ଭିସି) ଓ ଏଞ୍ଜେଲ ନିବେଶକ ଆଦି ପ୍ରାୟ ୧୨୦୦ ଅଂଶଗ୍ରହଣକାରୀ ଅଂଶଗ୍ରହଣ କରିବେ ବୋଲି ଆଶା କରାଯାଉଛି। ବୈଷୟିକ ଗବେଷଣା ଏବଂ ବିକାଶ, ସ୍ଥାୟୀ ବିକାଶ, ଗ୍ରାହକ ସମାଧାନ, ଏଫଏମସିଜି, ଲଜିଷ୍ଟିକ୍ସ, ଶିକ୍ଷା, କୃଷି, ଡିଜିଟାଲ ମାର୍କେଟିଂ ଏବଂ ଇ-କମର୍ସ କ୍ଷେତ୍ରର ଏକାଧିକ ପ୍ରଦର୍ଶକ ଅଛନ୍ତି। ଏହାବ୍ୟତୀତ ପ୍ରଖ୍ୟାତ ଇନକ୍ୟୁବେଟରମାନେ ମଧ୍ୟ ଏହି ସମ୍ମିଳନୀରେ ଅଂଶଗ୍ରହଣ କରିବେ। ସୂଚନାଯୋଗ୍ୟ, ଉଦଘାଟନୀ ଉତ୍ସବରେ ପ୍ରମୁଖ ଶିଳ୍ପପତି, ଷ୍ଟାର୍ଟଅପ୍, ସ୍ଥାନୀୟ ଉଦ୍ୟୋଗୀ ଓ ସରକାରୀ ସଂସ୍ଥାମାନେ ଯୋଗଦେବେ। ଏଥିରେ ବିଭିନ୍ନ ପ୍ରମୁଖ ଶିଳ୍ପର ବିଶିଷ୍ଟ ବ୍ୟକ୍ତି, ପଦ୍ମ ପୁରସ୍କାର ବିଜେତା ଓ ଛାତ୍ରଛାତ୍ରୀ ଯୋଗଦେବେ। ଏହି କାର୍ଯ୍ୟକ୍ରମରେ ଏକାଧିକ ବୁଝାମଣାପତ୍ର ସ୍ୱାକ୍ଷରିତ କରାଯିବ। ଆଇଆଇଏମ୍ ମୁମ୍ବାଇ ଓ ଆଇଆଇଏମ୍ ସମ୍ବଲପୁର ପକ୍ଷରୁ ଅନୁଗୁଳରେ ପରିଚାଳନା ଶିକ୍ଷା କେନ୍ଦ୍ର ପ୍ରତିଷ୍ଠା ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ବୁଝାମଣାପତ୍ର ସ୍ୱାକ୍ଷରିତ ହେବ ବୋଲି ସୂଚନା ଦିଆଯାଇଛି।

ଏକାଦଶାହ ଉପଲକ୍ଷେ



✓ ପୂର୍ଣ୍ଣଶଶୀ ମହାନ୍ତି

ବୋଉ,
ତୁ ଥିଲୁ ଆମ ଯୌଥ ପରିବାରର ମଙ୍ଗ। ତୋ'
ସ୍ନେହ, ମମତା, ଆନ୍ତରିକତା,
ପରୋପକାରିତା ଓ ଧର୍ମପରାୟଣତା ଆମ
ସ୍ମୃତିରେ ସବୁବେଳେ ରହିବ। ସେ ପୁରରୁ
ଆମମାନଙ୍କୁ ଆଶିଷ
ଦେବୁ - ତୋ'ଆଦର୍ଶ, ତ୍ୟାଗ ଓ
ମହନୀୟତାରେ ଅନୁପ୍ରାଣିତ ହେବାପାଇଁ।
ତୋ ଶେଷ ଜୀବନର କଷ୍ଟ ଆମମାନଙ୍କୁ
ବ୍ୟଥିତ କରିଥିଲା ସତ, ହେଲେ ତାହା
ବୋଧେ ଥିଲା ବିଧିନିର୍ଦ୍ଦିଷ୍ଟ।
ତୋ' ପରି ମାଆ ଟିଏ ପାଇ ଆମେ ସମସ୍ତେ
ଧନ୍ୟ। ତୋ'ଆତ୍ମାର ମୋକ୍ଷ ଓ ସଦଗତି
ନିମନ୍ତେ ଈଶ୍ୱରଙ୍କ ନିକଟରେ ପ୍ରାର୍ଥନା।

ଶୋକସନ୍ତପ୍ତ:
ପୁଅ, ବୋହୂ, ଝିଅ, ଜ୍ୱାଇଁ, ପୁତୁରା, ଝିଆରୀ,
ନାତି, ନାତୁଣୀ, ନାତୁଣୀବୋହୂ,
ନାତୁଣୀଜ୍ୱାଇଁ, ଅଣନାତି, ଅଣ ନାତୁଣୀ ଓ
ଆତ୍ମୀୟ ସ୍ୱଜନ

